- Vol.- 46, Issue No. 200
- Thursday, 22 October 2026
- ଗୁରୁବାର, ୨୨ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ପେଟ୍ରୋକେମିକାଲ୍ସ 'ପେଣ୍ଟ' ସ୍ୱପ୍ନ




- ଇଣ୍ଡିଆ କେମ୍ -୨୦୨୬ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- ଦେଶ-ବିଦେଶର ୨୦ରୁ ଅଧିକ ଶିଳ୍ପପତିଙ୍କ ସହ କରିବେ ଆଲୋଚନା
- ଡାଉନଷ୍ଟ୍ରିମ୍ ଉତ୍ପାଦନ, ଶିଳ୍ପ ପ୍ରସାର ଓ ନୂଆ ପ୍ରକଳ୍ପ ଉପରେ ଗୁରୁତ୍ୱ
- ମୁଖ୍ୟ ଆକର୍ଷଣ ହେବ 'କୋଇଲା ଗ୍ୟାସୀକରଣ ପ୍ରକଳ୍ପ'

ଭୁବନେଶ୍ୱର,୨୧।୧୦: ମୁମ୍ବାଇଠାରେ ଅକ୍ଟୋବର ୨୨ରୁ ଆରମ୍ଭ ହେଉଥିବା 'ଇଣ୍ଡିଆ କେମ୍ ୨୦୨୬' ସମ୍ମିଳନୀରେ ଓଡ଼ିଶା ନିଜର ଶିଳ୍ପ ଦକ୍ଷତା, ବିଶାଳ ଭିତ୍ତିଭୂମି, ପ୍ରଗତିଶୀଳ ନୀତି ଏବଂ ନିବେଶ ସମ୍ଭାବନାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବ। ଏହି ଦୁଇଦିନିଆ ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଇଣ୍ଡିଆ କେମ୍ ୨୦୨୬'ର ଉଦ୍ଘାଟନୀ ସମାରୋହ ଏବଂ ହାଇ-ପ୍ରୋଫାଇଲ୍ 'ସିଇଓ ରାଉଣ୍ଡଟେବୁଲ୍' ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ବୁଧବାର ଅପରାହ୍ନରେ ମୁମ୍ବାଇ ଗସ୍ତ କରିଛନ୍ତି। ୨୨ ଓ ୨୩ ତାରିଖ ଦୁଇ ଦିନ ଧରି କେମିକାଲ ଓ ପେଟ୍ରୋ-କେମିକାଲ କ୍ଷେତ୍ରର ଉଦ୍ୟୋଗପତି ଓ ସିଇଓମାନଙ୍କ ସହିତ ଆଲୋଚନା କରି ଓଡ଼ିଶାରେ ନିବେଶ ପାଇଁ ପ୍ରସ୍ତାବ ରଖିବେ। ୨୩ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଆସିବେ। କେନ୍ଦ୍ର ରସାୟନ, ସାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶ-ବିଦେଶର ୨୦ରୁ ଅଧିକ ପ୍ରମୁଖ ଶିଳ୍ପ ସଂସ୍ଥାର କର୍ପୋରେଟ୍ ଅଧ୍ୟକ୍ଷମାନଙ୍କ ସହ ସିଧାସଳଖ 'ୱାନ୍-ଟୁ-ୱାନ୍' (ସାକ୍ଷାତକାର) ଆଲୋଚନା କରିବେ। ବିଶେଷ କରି ଡାଉନଷ୍ଟ୍ରିମ୍ ଉତ୍ପାଦନ, ଶିଳ୍ପ ପ୍ରସାର ଏବଂ ନୂତନ ପ୍ରକଳ୍ପ ସ୍ଥାପନ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟଯେ, ଏହି ସମ୍ମିଳନୀରେ ରାଜ୍ୟର ଅଂଶଗ୍ରହଣର ଅନ୍ୟତମ ମୁଖ୍ୟ ଆକର୍ଷଣ ହେବ 'କୋଇଲା ଗ୍ୟାସୀକରଣ ପ୍ରକଳ୍ପ' ଯାହା ଓଡ଼ିଶା ପାଇଁ ଶିଳ୍ପ ବିକାଶର ଏକ ନୂତନ ସୁଯୋଗ ସୃଷ୍ଟି କରିବ। ଏହା ସହିତ, ଶିଳ୍ପ ପରିବେଶକୁ ଅଧିକ ମଜଭୁତ କରିବା, ଭେଲ୍ୟୁ ଆଡିସନକୁ ପ୍ରୋତ୍ସାହିତ କରିବା ଏବଂ ରସାୟନ, ପେଟ୍ରୋକେମିକାଲ୍ସ, ପ୍ଲାଷ୍ଟିକ୍ସ ଓ ପ୍ୟାକେଜିଂ କ୍ଷେତ୍ରରେ ନିବେଶ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର, ବୃହତ୍କାୟ କେମିକାଲ୍ ଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ଘୋଷଣା କରିପାରନ୍ତି। ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସହିତ ଓଡ଼ିଶା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବ। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ନିବେଶ ଆକର୍ଷିତ କରିବା, ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଏବଂ ରୋଜଗାର ସୁଯୋଗ ସୃଷ୍ଟି ଉପରେ ଧ୍ୟାନ ଦେଇ ଏକ ଉଦୀୟମାନ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ନିଜ ସ୍ଥିତିକୁ ମଜଭୁତ କରିବାରେ ସଫଳ ହୋଇଛି। ରସାୟନ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ, ରାଜ୍ୟ ୫୬ଟି କମ୍ପାନୀକୁ ଆକର୍ଷିତ କରିଛି, ଯାହା ମାଧ୍ୟମରେ ୧,୯୩,୦୮୭.୯୪ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୧,୧୨,୩୨୪ ଜଣ ଆଶାୟୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଇଣ୍ଡିଆ କେମ୍ -୨୦୨୬ରେ ଓଡ଼ିଶାର ଅଂଶଗ୍ରହଣ ସମ୍ପର୍କରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଇଣ୍ଡିଆ କେମ୍ ୨୦୨୬ରେ ଆମର ଭାଗିଦାରୀ ପ୍ରମୁଖ କମ୍ପାନୀଗୁଡ଼ିକ ସହ ସିଧାସଳଖ ଆଲୋଚନା କରିବା, ରାଜ୍ୟର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରିବା ଏବଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ସହଯୋଗିତା ସ୍ଥାପନ କରିବାର ସୁଯୋଗ ଦେବ।

# ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ

- ୨୮ ରାତିରେ ବାତ୍ୟା ବିପତ୍ତି !
- ଆଇଏମ୍ଡି ଏପର୍ଯ୍ୟନ୍ତ ଆକଳନ କରିନାହିଁ



ଭୁବନେଶ୍ୱର,୨୧।୧୦: ବଙ୍ଗୋପସାଗରରେ ପୁଣି ଏକ ସମ୍ଭାବ୍ୟ ବାତ୍ୟାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ପ୍ରଣାଳୀ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିପାରେ ବୋଲି କିଛି ବିଦେଶୀ ପାଣିପାଗ ପୂର୍ବାନୁମାନକାରୀ ସଂସ୍ଥା ଆକଳନ କରିଛନ୍ତି। ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ଏପର୍ଯ୍ୟନ୍ତ ବାତ୍ୟା ସମ୍ପର୍କରେ କୌଣସି ନିଶ୍ଚିତ ଆକଳନ କରାଯାଇନାହିଁ। ଆଣ୍ଡାମାନ ସାଗରରେ ବୁଧବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୩ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେଇପାରେ ବୋଲି ଆକଳନ କରାଯାଉଛି। ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଥମେ ପଶ୍ଚିମ-ଉତ୍ତର ପରେ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ପରବର୍ତ୍ତୀ ୩ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଅକ୍ଟୋବର ୨୬ରୁ ୨୯ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବ । ୨୬ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଓ ଗଜପତି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଓ ପବନ ବହିବାର ସମ୍ଭାବନା ଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଛି ୟେଲୋ ଆଲର୍ଟ । ତେବେ ୨୩ ଅକ୍ଟୋବରରେ ଦକ୍ଷିଣ-ପୂର୍ବ ଓ ଏହା ସହିତ ଲାଗିଥିବା ପୂର୍ବ-ମଧ୍ୟ ବଙ୍ଗୋପସାଗର ଉପରେ ନିମ୍ନଚାପ କ୍ଷେତ୍ର ଗଠିତ ହୋଇପାରେ। ୨୪ ଅକ୍ଟୋବରରେ ନିମ୍ନଚାପ କ୍ଷେତ୍ରଟି ସ୍ପଷ୍ଟ ହୋଇପାରେ ଏବଂ ୨୫ ଅକ୍ଟୋବରରେ ଅବପାତରେ ପରିଣତ ହୋଇପାରେ। ଏହା ଆହୁରି ଶକ୍ତିଶାଳୀ ହୋଇ ଗଭୀର ଅବପାତରେ ପରିଣତ ହୋଇପାରେ। ୨୬ ରୁ ୨୮ ଅକ୍ଟୋବର ମଧ୍ୟରେ ଏହା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। କିନ୍ତୁ ଏହାର ଶକ୍ତି ଆକଳନ ଏପର୍ଯ୍ୟନ୍ତ କରାଯାଇ ନ ଥିବା ପାଣିପାଗ ବିଶେଷଜ୍ଞମାନେ ମତ ରଖିଛନ୍ତି।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପରେ ସାଇବର ହମଲା

# ଚୋରି ହୋଇଛି ୩,୮୯୭ ଗ୍ରାହକଙ୍କ ତଥ୍ୟ !




ନୂଆଦିଲ୍ଲୀ, ୨୧।୧୦: ଭାରତୀୟ ଷ୍ଟେଟ ବ୍ୟାଙ୍କ ବା ଏସ୍‌ବିଆଇ ଉପରେ ସାଇବର ହ୍ୟାକରମାନେ ବ୍ୟାଙ୍କର ଗ୍ରାହକ ରେକର୍ଡରେ ଅନଧିକାର ଭାବେ ପ୍ରବେଶ କରିବାକୁ ହୋଇଥିବା ଏକ ସୂତ୍ରରୁ ପ୍ରକାଶ। ସେମାନେ ଏସ୍‌ବିଆଇ ଉପରେ ଆକ୍ରମଣ ପୂର୍ବକ ବ୍ୟାଙ୍କର ୩,୮୯୭ ଜଣ ଗ୍ରାହକଙ୍କ ସମ୍ବେଦନଶୀଳ ତଥ୍ୟକୁ ଚୋରି କରି ନେଇଛନ୍ତି। ଗ୍ରାହକଙ୍କ ବ୍ୟକ୍ତିଗତ ଚିହ୍ନଟ ତଥ୍ୟ ବା ପିଆଇଏଫକୁ ସେମାନେ ଚୋରି କରି ନେଇ ଡାର୍କ ୱେବ୍‌ରେ ଅପଲୋଡ କରିଥିବା ଏହି ସୂତ୍ରରୁ ପ୍ରକାଶ। ଅପରପକ୍ଷେ ଏସ୍‌ବିଆଇ ପକ୍ଷରୁ ସଫେଇ ଦିଆଯାଇଛି ଯେ ଏହି ଘଟଣା ବ୍ୟାଙ୍କର ଅପରେସନ, ଆର୍ଥିକ ପ୍ରଦର୍ଶନ କିମ୍ବା ବ୍ୟବସାୟକୁ ଆଦୌ ପ୍ରଭାବିତ କରିପାରି ନାହିଁ। ଅକ୍ଟୋବର ୧୬ରେ ଏସ୍‌ବିଆଇକୁ ଥ୍ରେଟ୍ ଇଣ୍ଟେଲିଜେନ୍ସ ସର୍ଭିସ ପ୍ରୋଭାଇଡର, ଡିଫେନ୍ସ ସାଇବର ଏଜେନ୍ସି ଓ ଇଣ୍ଡିଆନ କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ ବା ସିଆରଟି-ଇନ୍ ପକ୍ଷରୁ ଗୋଟିଏ ଆଲର୍ଟ ଜାରି କରାଯାଇଥିଲା। ଗ୍ରାହକଙ୍କ ବ୍ୟାଙ୍କ ତଥ୍ୟ ଚୋରି ହୋଇଥିବା ଏହି ଆଲର୍ଟରେ ଆଶଙ୍କା କରାଯାଇଥିଲା ବୋଲି ଏସ୍‌ବିଆଇ କହିଛି। ଏହାପରେ ଏସବିଆଇ କରିଥିବା ପ୍ରାଥମିକ ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ ଡାର୍କ ୱେବରେ ମୋଟ ୩,୭୫,୦୦୦ ରେକର୍ଡ ଅପଲୋଡ ହୋଇଛି। ଏହା ମଧ୍ୟରେ ୩,୮୯୭ ଜଣ ଗ୍ରାହକଙ୍କ ସହ ଜଡ଼ିତ ବ୍ୟକ୍ତିଗତ ପରିଚୟ ସମ୍ବନ୍ଧୀୟ ତଥ୍ୟ ଥିବା ସ୍ପଷ୍ଟ ହୋଇଛି। ବ୍ୟାଙ୍କ ପକ୍ଷରୁ ଆହୁରି କୁହାଯାଇଛି ଯେ ଗ୍ରାହକଙ୍କ ତଥ୍ୟ ଚୋରି ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ ଏହା ବ୍ୟାଙ୍କର କାର୍ଯ୍ୟକଳାପକୁ ପ୍ରଭାବିତ କରିନାହିଁ। ବ୍ୟାଙ୍କର ମୁଖ୍ୟ ବ୍ୟବସାୟିକ କାର୍ଯ୍ୟ ସ୍ୱାଭାବିକ ଭାବେ ଜାରି ରହିଛି। ଏଥିରେ କୌଣସି ବାଧା ସୃଷ୍ଟି ହୋଇନାହିଁ। ବ୍ୟାଙ୍କ ତୁରନ୍ତ ସାଇବର ଘଟଣାର ମୁକାବିଲା ଓ ଏହାକୁ ନିୟନ୍ତ୍ରଣ କରିବା ପାଇଁ ନିଜର ନିର୍ଦ୍ଧାରିତ ପ୍ରୋଟୋକଲକୁ ସକ୍ରିୟ କରିଛି। ଲିକ୍ ହୋଇଥିବା ତଥ୍ୟର ସତ୍ୟତା ଜାଣିବା ପାଇଁ ବିସ୍ତୃତ ତଦନ୍ତ ଆବଶ୍ୟକ। ଏଥିସହ ତଥ୍ୟ ଲିକ୍‌ର ସମ୍ଭାବ୍ୟ ଉତ୍ସ ଚିହ୍ନଟ କରିବା, କେତେ ପରିମାଣର ତଥ୍ୟ ପ୍ରକାଶ ପାଇଛି ଓ ଗ୍ରାହକ ଓ ବ୍ୟାଙ୍କ ପ୍ରତି ଥିବା ବିପଦର ଆକଳନ କରିବା ଜରୁରୀ ବୋଲି ଏସ୍‌ବିଆଇ କହିଥିବା ଏକ ସୂତ୍ରରୁ ପ୍ରକାଶ।

## ବାଂଲାଦେଶରୁ ସୁନା ଚୋରା ଚାଲାଣ
# ୩ କିଲୋଗ୍ରାମରୁ ଅଧିକ ଜବତ: ୫ ଗିରଫ

ଭୁବନେଶ୍ୱର, ୨୧।୧୦: ବାଂଲାଦେଶରୁ ବିଦେଶୀ ସୁନା ଚୋରା ଚାଲାଣ କରି କୋଲକତା ଦେଇ ହାଇଦ୍ରାବାଦକୁ ପଠାଉଥିବା ଏକ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ)। ଏହି ଘଟଣାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କଠାରୁ ୩ କିଲୋ ୧୪୭.୧ ଗ୍ରାମ ବିଦେଶୀ ସୁନା ସହ ୬୦ ହଜାର ଆମେରିକୀୟ ଡଲାର ଏବଂ ୨୧ ହଜାର ୫୦୦ ୟୁରୋ ଜବତ ହୋଇଛି। ଜବତ ସାମଗ୍ରୀର ମୋଟ ମୂଲ୍ୟ ପ୍ରାୟ ୫ କୋଟି ୮୪ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି।ସୂଚନା ଅନୁଯାୟୀ, ବାଂଲାଦେଶରୁ ବିଦେଶୀ ସୁନା ଆଣି କୋଲକାତା ଦେଇ ହାଇଦ୍ରାବାଦକୁ ଚାଲାଣ କରୁଥିବା ଏକ ଗ୍ୟାଙ୍ଗ୍ ସମ୍ପର୍କରେ ଡିଆରଆଇକୁ ଗୁଇନ୍ଦା ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଆଇର ହାଇଦ୍ରାବାଦ ଜୋନାଲ୍ ୟୁନିଟ୍ ଓ ବିଜୟୱାଡା ରିଜିଓନାଲ୍ ୟୁନିଟ୍‌ର ଅଧିକାରୀମାନେ ମିଳିତ ଭାବେ ଚଢ଼ାଉ କରିଥିଲେ।

# ଦିଲ୍ଲୀ-ଏନସିଆର୍‌ରେ ପୁଣି ବଢ଼ିଲା ବାୟୁ ପ୍ରଦୂଷଣ



ନୂଆଦିଲ୍ଲୀ, ୨୧।୧୦: ଦିଲ୍ଲୀ-ଏନସିଆରରେ ପୁଣି ବଢ଼ିବାରେ ଲାଗିଛି ବାୟୁ ପ୍ରଦୂଷଣ । ବାୟୁର ଗୁଣବତ୍ତା ଖରାପ ହେବା ପରେ ବୁଧବାରଠାରୁ ଅଞ୍ଚଳରେ ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍ (ଗ୍ରାପ)ର ପ୍ରଥମ ପର୍ଯ୍ୟାୟ, ଅର୍ଥାତ୍ ଗ୍ରାପ-୧ ଲାଗୁ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହି ପର୍ଯ୍ୟାୟରେ ବିଭିନ୍ନ କଟକଣା ଲାଗୁ ହୋଇଛି। ଗୁଣବତ୍ତା ପରିଚାଳନା ଆୟୋଗ ଅନୁସାରେ, ଅକ୍ଟୋବର ୨୦ ତାରିଖରେ ଦିଲ୍ଲୀର ଏକ୍ୟୁଆଇ ୧୭୯ ଥିଲା । କିନ୍ତୁ ଅକ୍ଟୋବର ୨୧ ତାରିଖ ଦିନ ୨ଟା ସୁଦ୍ଧା ଏହା ବଢ଼ି ୨୪୪ରେ ପହଞ୍ଚିଥିଲା । ଆଗାମୀ କିଛି ଦିନରେ ମଧ୍ୟ ବାୟୁ ଗୁଣବତ୍ତା ଖରାପ ଶ୍ରେଣୀରେ ରହିବାର ଆଶଙ୍କା ଥିବାରୁ ଗ୍ରାପ-୧ କାର୍ଯ୍ୟକାରୀ କରାଯାଇଛି । ଗ୍ରାପ-୧ ଅଧୀନରେ ରେଷ୍ଟୋରାଁର ତନ୍ଦୁରରେ କୋଇଲା ଓ କାଠ ବ୍ୟବହାର ଉପରେ ରୋକ ଲଗାଯାଇଛି । ସେହିପରି ଡିଜେଲ୍ ଜେନେରେଟରର ବ୍ୟବହାର କେବଳ ଜରୁରୀ କିମ୍ବା ଅତ୍ୟାବଶ୍ୟକ ପରିସ୍ଥିତିରେ କରାଯାଇପାରିବ । ପ୍ରଦୂଷଣ ବଢ଼ାଉଥିବା ଉତ୍ସଗୁଡ଼ିକ ଉପରେ ନଜର ରଖିବା ସହ ନିର୍ମାଣ ଓ ଧୂଳି ନିୟନ୍ତ୍ରଣ ଭଳି ପଦକ୍ଷେପକୁ ମଧ୍ୟ କଡ଼ାକଡ଼ି କରାଯାଉଛି । ଏକ ସୂଚନା ଅନୁଯାୟୀ ନଭେମ୍ବର ପହିଲାରୁ ଦିଲ୍ଲୀ ସରକାର ଶୀତକାଳୀନ ପ୍ରଦୂଷଣ ନିୟମ କାର୍ଯ୍ୟକାରୀ କରିବେ। ବିଏସ-୬ ନିର୍ଗମନ ମାନଦଣ୍ଡ ପୂରଣ କରୁ ନଥିବା ଦିଲ୍ଲୀ ବାହାର ପଂଜୀକୃତ ଯାନ ଗୁଡ଼ିକୁ ନଭେମ୍ବର ପହିଲାରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦିଲ୍ଲୀ ପ୍ରବେଶ ବାରଣ କରାଯିବ।

# ଟାଇଗର ଶ୍ରଫ ନୁହନ୍ତି, ନିଶାଣରେ ଥିଲେ ସଲମାନ !

ମୁମ୍ବାଇ,୨୧।୧୦: ଅକ୍ଟୋବର ୧୮ ତାରିଖରେ ମୁମ୍ବାଇର ଜୁହୁସ୍ଥିତ ପୁଷ୍ପା ପାର୍କ ନିକଟରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ କାର୍ ଉପରକୁ ଗୁଳିମାଡ଼ ଘଟଣାରେ ୮ଜଣ ସନ୍ଦିଗ୍ଧ ଗିରଫ ହୋଇଛନ୍ତି। ସିଧାସଳଖ ଗୁଳି ଚଳାଇଥିବା ବ୍ୟକ୍ତି ରାଜସ୍ଥାନର କୋଟାରେ ଗିରଫ



ହୋଇଛନ୍ତି। ସେମାନେ ହେଲେଫୁଲ୍ ସିଂହ (୧୮)ରେହାନ (୧୮) ଓ ହ୍ରିତିକ୍ କୁମାର ଓରଫ ରୋଶନ (୨୨)। ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଓ ସହାୟକ ଉଭୟ ସୋନିପତ ଓ ଦିଲ୍ଲୀରେ ଗିରଫ ହୋଇଛନ୍ତି। ସମୀର (ଗୁଳି ଚଳାଉଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟ ପରିଚାଳକଙ୍କ ସହ ଯୋଡ଼ିଥିବା ଅଭିଯୋଗରେ ହରିୟାଣାର ସୋନିପତରେ ଗିରଫ ହୋଇଛି) । କୁନାଲ ଏବଂ ସୁମିତ (ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିଥିବା ଅଭିଯୋଗରେ ଦିଲ୍ଲୀ/ହରିୟାଣାରେ ଗିରଫ)। ରାଧା ଏବଂ ବବିତା (ଅସ୍ତ୍ରଶସ୍ତ୍ର ପରିବହନ କରି ଗୁଳି ଚଳାଉଥିବା ବ୍ୟକ୍ତିମାନଙ୍କୁ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଦୁଇ ମହିଳା)। ଘଟଣାଦିନ ସୌଭାଗ୍ୟବଶତଃ ଟାଇଗରଙ୍କ ଦେହରେ ଗୁଳି ବାଜିନଥିଲା ଏବଂ ସେ ସୁରକ୍ଷିତ ରହିଥିଲେ। ପୋଲିସର ପଚରାଉଚରା ସମୟରେ ଅଭିଯୁକ୍ତମାନେ ଟାଇଗର ଶ୍ରଫ୍ ନୁହେଁ, ବରଂ ସଲମାନ ଖାନ୍ ସେମାନଙ୍କ ନିଶାଣରେ ଥିବା ଦାବି କରିଥିବା ସୂଚନା ମିଳିଛି। ଏହି ଆକ୍ରମଣ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ଜଡ଼ିତ କିଛି ବ୍ୟକ୍ତି ଦାୟିତ୍ୱ ନେଇଥିବା ଦାବି ମଧ୍ୟ ସାମ୍ନାକୁ ଆସିଛି।ଟାଇଗର ଶ୍ରଫ୍‌ଙ୍କ କାର୍ ଉପରକୁ ଗୁଳିମାଡ଼ ଘଟଣା ପରେ ବଢ଼ିଛି ସୁପରଷ୍ଟାର ସଲମାନ ଖାନ୍‌ଙ୍କ ସୁରକ୍ଷା। ମୁମ୍ବାଇର ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

# ଜିଓକୁ ନିବେଶକଙ୍କ ସମର୍ଥନ: ୩୦,୨୧୩ କୋଟି

ମୁମ୍ବାଇ,୨୧।୧୦: ଦେଶର ସବୁଠାରୁ ବଡ଼ ୩୦,୨୧୩ କୋଟି ଟଙ୍କାର ଜିଓ ଆଇପିଓକୁ ନିବେଶକମାନେ ଭରପୂର ସମର୍ଥନ ଦେଇଛନ୍ତି। ବୁଧବାର ସକାଳେ ଖୋଲିଥିବା ଜିଓ ପ୍ଲାଟଫର୍ମସର ଆଇପିଓ ମାତ୍ର ୧୦୦ ମିନିଟ୍ ମଧ୍ୟରେ ୧୦୦ ପ୍ରତିଶତ ସବସ୍କ୍ରାଇବ୍ ହୋଇଯାଇଥିଲା। ସଦ୍ୟତମ ତଥ୍ୟ ଅନୁଯାୟୀ, ଜିଓ ଆଇପିଓ ଖୋଲିବାର ପ୍ରଥମ ଦିନରେ ସନ୍ଧ୍ୟା ସୁଦ୍ଧା ୩ ଗୁଣ ବା ୩୦୦ ପ୍ରତିଶତରୁ ଅଧିକ ସବସ୍କ୍ରାଇବ୍ ହୋଇସାରିଛି। ବଡ଼ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ଙ୍କ ପାଇଁ ଉଦ୍ଦିଷ୍ଟ ଅଂଶ ୯ ଗୁଣ ସବସ୍କ୍ରାଇବ୍ ହୋଇଥିଲା। ପ୍ରଥମ ଦିନ ସନ୍ଧ୍ୟା ସୁଦ୍ଧା ମୋଟ ୨୯.୨୧ ଲକ୍ଷରୁ ଅଧିକ ଆବେଦନ ମିଳିଛି। ନିବେଶ ପାଇଁ ଜିଓ ଆଇପିଓ ଅକ୍ଟୋବର ୨୩ ତାରିଖ ଯାଏଁ ଖୋଲା ରହିବ।ଜିଓ ଆଇପିଓ ପ୍ରତି ନିବେଶକଙ୍କ ଉତ୍ସାହର ଝଲକ ପୂର୍ବରୁ ହିଁ ଦେଖିବାକୁ ମିଳିଥିଲା। ଜିଓ ଆଇପିଓ ପାଇଁ ପ୍ରତି ସେୟାରର ମୂଲ୍ୟ ସୀମା ୧,୦୬୫ ଟଙ୍କାରୁ ୧,୧୧୯ ଟଙ୍କା ମଧ୍ୟରେ ରଖାଯାଇଛି।

## କୋଟିଆ ବିବାଦ

# ପୁଣି ସୁପ୍ରିମକୋର୍ଟ ଯିବ ଓଡ଼ିଶା

## ବିକାଶମୂଳକ କାର୍ଯ୍ୟର ହେବ ସମୀକ୍ଷା, ନିୟୋଜିତ ହେବେ ପୋଲିସ ଓ ରାଜସ୍ୱ ଅଧିକାରୀ

ଜୟପୁର/ଭୁବନେଶ୍ୱର,୨୧।୧୦: ଆନ୍ଧ୍ରପ୍ରଦେଶ ସହ ଦୀର୍ଘଦିନ ଧରି ଚାଲିଆସୁଥିବା କୋରାପୁଟ ଜିଲ୍ଲା କୋଟିଆ ସୀମା ବିବାଦକୁ ନେଇ ଓଡ଼ିଶା ସରକାର ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ଏନେଇ ବୁଧବାର କୋରାପୁଟ ଉପ ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଯେଉଁଥିରେ 'ଯଥାସ୍ଥିତି' ବଜାୟ ରଖିବାକୁ କୁହାଯାଇଥିଲା । ତେବେ ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ରାଜ୍ୟ ସରକାର କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯାଉଛନ୍ତି। କୋଟିଆ ପାଇଁ ନୋଡାଲ୍ ଅଧିକାରୀ ତଥା କୋରାପୁଟ ଉପ-ଜିଲ୍ଲାପାଳ ଫାବି ରସିଦ୍ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଉପଜିଲାପାଳ ରସିଦ୍ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶର କାର୍ଯ୍ୟକଳାପ ଯାହା କୋର୍ଟଙ୍କ 'ଯଥାସ୍ଥିତି' ବଜାୟ ରଖିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି, ସେହି ଘଟଣାକୁ ନେଇ ରାଜ୍ୟ ସରକାର 'ଅଦାଲତ ଅବମାନନା' ମାମଲା ଦାୟର କରିବେ।ସେ ଆହୁରି କହିଛନ୍ତି ଯେ, ସେ କୋଟିଆ ଗସ୍ତ ପୂର୍ବକ ସେଠାରେ ସେ ସ୍ଥାନୀୟ ବାସିନ୍ଦାଙ୍କୁ ଓଡ଼ିଶା ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଚାଲିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବେ। ଏହାସହିତ, ସେ ସେମାନଙ୍କର ଅଭିଯୋଗ ଶୁଣିବେ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଆକଳନ କରିବେ। ପ୍ରଶାସନ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ବୋଲି ସେ କହିଛନ୍ତି। ଆନ୍ଧ୍ରପ୍ରଦେଶ ପକ୍ଷରୁ ବିବାଦୀୟ କୋଟିଆ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ






ଘୋଷଣା କରାଯିବା ପରେ ଏହି ସୀମା ବିବାଦ ପୁଣି ମୁଣ୍ଡ ଟେକିଛି। ଏହାକୁ ନେଇ ବିରୋଧୀ ଓ ଶାସକ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆନ୍ଧ୍ର ପ୍ରଦେଶ ସରକାର ବିବାଦୀୟ କୋଟିଆ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ପାଇବା ପରେ ବିରୋଧୀ, ଶାସକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟ ସରକାର ସେଠାକାର ଗତିବିଧି ଉପରେ ନଜର ରଖିବା ଏବଂ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାର ସେଠାରେ ପୋଲିସ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନିୟୋଜିତ କରିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।ଦୀର୍ଘଦିନ ଧରି ଚାଲିଆସୁଥିବା ଏହି ସୀମା ବିବାଦ ସମ୍ପର୍କରେ ଆଲୋଚନା କରିବା ପାଇଁ ମନ୍ତ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ଉଭୟ ବିଭାଗରୁ ଜଣେ ଲେଖାଏଁ ଅଧିକାରୀଙ୍କୁ କୋଟିଆରେ ମୁତୟନ କରାଯିବ। ସେମାନେ ସେହି ଅଞ୍ଚଳର ସ୍ଥିତି, ଆନ୍ଧ୍ର ପ୍ରଦେଶର କାର୍ଯ୍ୟକଳାପ ଏବଂ ଓଡ଼ିଶା ଦ୍ୱାରା ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ନିୟମିତ ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ରହିଛି ।

# ନଭେମ୍ବର ୩୦ ସୁଦ୍ଧା ସିସିଟିଭି ଲଗାଅ: ସିଏଚଏସଇ




ଭୁବନେଶ୍ୱର,୨୧।୧୦: ୨୦୨୭ ବର୍ଷର ଯୁକ୍ତ-୨ ପରୀକ୍ଷା ପରିଚାଳନା ନେଇ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)ର ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି।ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସିଏଚଏସଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୩୦ ତାରିଖ ସୁଦ୍ଧା ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ସିଏଚଏସଇ କଣ୍ଟ୍ରୋଲର ଚିଠି ଲେଖିଛନ୍ତି। ୨୦୨୭ ବର୍ଷର ଯୁକ୍ତ ୨ ପରୀକ୍ଷା ପରିଚାଳନା ସ୍ୱଚ୍ଛ ଓ ନିରପେକ୍ଷ ଭାବେ କରିବା ପାଇଁ ସିଚିଏସଇ କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ନେଇଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ୩୦ ସୁଦ୍ଧା ସାମ୍ସ ଇ-ସ୍ପେସ୍‌ରେ ଅପଡେଟ୍ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ହଲ, ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଅଫିସ, ଷ୍ଟ୍ରଙ୍ଗ ରୁମରେ ସିସିଟିଭି ଲଗାଇବାକୁ କୁହାଯାଇଛି। ସିସିଟିଭି ଲଗାଇ ନ ପାରିଲେ ପରୀକ୍ଷା କେନ୍ଦ୍ର ବାତିଲ ସହ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି।

# ମାନସିକ ଶାନ୍ତିର ସୂତ୍ର





*ପ୍ରତ୍ୟେକ ପରିସ୍ଥିତିରେ ବଜାୟ ରଖ ବିଶ୍ୱାସ-ଜୀବନରେ ବାଧା ଆସିବା ସ୍ୱାଭାବିକ,କିନ୍ତୁ ସେଥିରେ ଭୟଭୀତ ହୋଇକରି ହାର୍ ମାନିନେବା ସମସ୍ୟାକୁ ଆହୁରି କଠିନ ବନେଇ ଦେଇପାରେ । ଆଧ୍ୟାତ୍ମିକ ଶିକ୍ଷା ବ୍ୟକ୍ତିକୁ ଧୈର୍ଯ୍ୟ ରଖିବା,ନିଜର ପ୍ରୟାସ ଜାରି ରଖିବା ଆଉ ପରିଣାମକୁ ସହଜତାରେ ସ୍ୱୀକାର କରିବାର ପ୍ରେରଣା ଦେଇଥାଏ ।*

ଭଗବାନଙ୍କ ଉପରେ ବିଶ୍ୱାସରୁ ହିଁ ମିଳି ପାରିବ ମାନସିକ ଶାନ୍ତି । ଆଜିର ବ୍ୟସ୍ତ-ବହୁଳଭରା ଜୀବନରେ ଭବିଷ୍ୟତର ଚିନ୍ତା, ଅସଫଳତାର ଡର ଆଉ ଅନିଶ୍ଚିତ ପରିସ୍ଥିତି ବହୁତଥର ମନକୁ ବ୍ୟାକୁଳ କରି ଦେଇଥାଏ । ଏମିତିରେ ବୃନ୍ଦାବନର ସନ୍ଥ ସ୍ୱାମୀ ପ୍ରେମାନନ୍ଦଜୀ ମହାରାଜଙ୍କ ସତ୍‌ସଙ୍ଗ ଲୋକଙ୍କୁ ଆଧ୍ୟାତ୍ମିକ ଦୃଷ୍ଟିରେ ଜୀବନକୁ ବୁଝେଇବାର ପ୍ରେରଣା ଦେଇଥାଏ । ତାଙ୍କର ପ୍ରବଚନରେ ଭଗବାନଙ୍କ ନାମର ସ୍ମରଣ,ବିଶ୍ୱାସ ଆଉ ସମର୍ପଣରେ ମନକୁ ଶାନ୍ତିରେ ଯୋଡିକରି ବୁଝାଯାଇଥାଏ । ସେ କୁହନ୍ତି ଡରର ମୂଳକୁ ବୁଝିବା ଜରୁରୀ-ଡର ଆଉ ବ୍ୟାକୁଳତା ବହୁତ ଥର ସେହି ପରିସ୍ଥିତିକୁ ନେଇ କରି ଉତ୍ପନ୍ନହୋଇଥାଏ,ଯାହା ଉପରେ ଆମର ପୂରା ନିୟନ୍ତ୍ରଣ ନ ଥାଏ । ଭବିଷ୍ୟରେ କ'ଣ ହେବ ? ଲୋକେ କ'ଣ କହିବେ କିମ୍ବା ଅସଫଳତା ମିଳିନଯାଉ । ଏମିତି ବିଚାର ମନର ବ୍ୟାକୁଳତାକୁ ବଢେଇ ଦେଇ ପାରେ ! ଆଧ୍ୟାତ୍ମିକ ଦୃଷ୍ଟିରେ ଜୀବନରେ ପ୍ରତ୍ୟେକ ପରିସ୍ଥିତିକୁ ସ୍ୱୀକାର କରିବା ଆଉ ଈଶ୍ୱରଙ୍କ ଉପରେ ଭରସା ରଖିବା ମନକୁ ସମ୍ଭାଳିବାରେ ସହାୟକ ହୋଇଥାଏ । ଭଗବାନଙ୍କ ନାମର ସ୍ମରଣ ଦେଇପାରେ ସାହାରା-ପ୍ରେମାନନ୍ଦ ମହାରାଜଙ୍କ ସତ୍‌ସଙ୍ଗରେ ନାମ ଜପ ଆଉ ଭକ୍ତିର ବିଷେଶ ମହତ୍ତ୍ୱ ବତା ଯାଇଛି । ଶ୍ରଦ୍ଧାଳୁ ମାନିଥାନ୍ତି ଯେ ନିୟମିତ ରୂପରେ ନାମ ନେବା,ପ୍ରାର୍ଥନା କରିଲେ ଆଉ ସତ୍‌ସଙ୍ଗ ଶୁଣିଲେ ମନକୁ ସ୍ଥିରତା ମିଳିଥାଏ । ଯେତେବେଳେ ବ୍ୟକ୍ତି ବାରମ୍ବାର ନକାରାତ୍ମକ ବିଚାରରେ ଫସି ରହିଥାଏ,ତା'ହେଲେ କିଛି ସମୟ ଶାନ୍ତିରେ ବସି କରି ପ୍ରାର୍ଥନା କରିବା ଆଉ ନିଜର ଧ୍ୟାନ ବର୍ତ୍ତମାନ ଉପରେ କେନ୍ଦ୍ରିତ କଲେ ଆନନ୍ଦ ମିଳିପାରେ । ପ୍ରତ୍ୟେକ ପରିସ୍ଥିତିରେ ବଜାୟ ରଖ ବିଶ୍ୱାସ-ଜୀବନରେ ବାଧା ଆସିବା ସ୍ୱାଭାବିକ,କିନ୍ତୁ ସେଥିରେ ଭୟଭୀତ ହୋଇକରି ହାର୍ ମାନିନେବା ସମସ୍ୟାକୁ ଆହୁରି କଠିନ ବନେଇ ଦେଇପାରେ । ଆଧ୍ୟାତ୍ମିକ ଶିକ୍ଷା ବ୍ୟକ୍ତିକୁ ଧୈର୍ଯ୍ୟ ରଖିବା,ନିଜର ପ୍ରୟାସ ଜାରି ରଖିବା ଆଉ ପରିଣାମକୁ ସହଜତାରେ ସ୍ୱୀକାର କରିବାର ପ୍ରେରଣା ଦେଇଥାଏ । ଏହାର ଅର୍ଥ ଏହା ନୁହେଁ ଯେ ସମସ୍ୟାଠୁ ବଞ୍ଚିଯିବା ଆଉ ଏହାର ସାମ୍ନା ଶାନ୍ତ ମନ ଆଉ ବୁଦ୍ଧିମାନରେ କରାଗଲେ ଫଳ ଭଲ ମିଳିବ । ସତ୍‌ସଙ୍ଗରୁ ମିଳିଥାଏ ସକାରାତ୍ମକ ଭାବନା- ସତ୍‌ସଙ୍ଗର ଉଦ୍ଦେଶ୍ୟ କେବଳ ଧାର୍ମିକ କଥା ଶୁଣିବା ନୁହେଁ,ଏହାକୁ ଜୀବନରେ ଆପଣାଇବା ମଧ୍ୟ ଜରୁରୀ । ନିୟମିତ ପ୍ରାର୍ଥନା,ଧ୍ୟାନ,ଭଲ ସଂଗତ ଆଉ ସକାରାତ୍ମକ ଦିନଚର୍ଯ୍ୟା ମନକୁ ସନ୍ତୁଳିତ ରଖିବାରେ ସହାୟକ ହୋଇପାରେ । ଆଉ ସର୍ବଦା ଜୀବନର ନଅ ପାଠକୁ ମନେ ରଖିବ । ତାହା ହେଉଛି ଧୈର୍ଯ୍ୟ, ତ୍ୟାଗ, ଶାନ୍ତି, ସୃଜନ, ମମତା, ସାହସ, ନିର୍ଭୟତା, ପବିତ୍ରତା ଆଉ ପୂର୍ଣ୍ଣତା । ଏହାକୁ ଆପଣାଇଲେ ଜୀବନ ସୁନ୍ଦର ହୋଇଥାଏ ।

*-ମନୋଜ କୁମାର ବେହେରା, ଭୁବନେଶ୍ୱର-୨୨, ମୋ- ୭୯୭୮୮୩୦୬୧୧*

# ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ





ଶ୍ରୀମନ୍ଦିରରେ ପବିତ୍ର ଦଶହରା ତଥା ବିଜୟା ଦଶମୀ ଅବସରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ ତଥା ସୁନାବେଶ । ଏପରି ବେଶରେ ସଜ୍ଜିତ ହୋଇ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜିଉ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି, ଚନ୍ଦନ, ନୂଆ ଲୁଗା, ୩୨ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାର ପରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ,ରାମକୃଷ୍ଣ ବୀରବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସ୍ଥିତ ମହାଖଲା ବା ଦଶହରା ପଦାକୁ ବିଜେ କରିବାର ପରମ୍ପରା ରହିଛି । ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶକୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥାଏ । ଶ୍ରୀମନ୍ଦିରରେ ଦଶହରା ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି । ପବିତ୍ର ଦଶହରା ଅବସରରେ ଶ୍ରୀମନ୍ଦିରରେ ଆୟୁଧ ପୂଜାନୀତି ସମ୍ପନ୍ନ କରାଯାଏ । ଏହି ବେଶରେ ପାଞ୍ଚଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥାଏ । ସକାଳଧୂପ ସରିବା ପରେ ଆୟୁଧମାନଙ୍କୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯାଇଥାଏ । ମେକାପ ତିନୋଟି ରୁପା ଥାଳିରେ ଆୟୁଧ ରଖି ତଳୁଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ବଳଭଦ୍ରଙ୍କ ବାଡ଼ରେ ହଳମୂଷଳ, ସୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣ ତଡ଼କୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖ ଚକ୍ର ଆୟୁଧ ଲାଗି କରିଥାଏ । ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥାଆନ୍ତି । ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କଲେ ଅନନ୍ତ କୋଟି ପୁଣ୍ୟଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ମହାପ୍ରଭୁଙ୍କ ପାଖରେ ଆୟୁଧ ଲାଗି ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଲାକୁ ବିଜେ କରିବା ପରେ ସେଠାରେ ଆଳତି ବଢ଼ିବା ପରେ ମଦନ ମୋହନଙ୍କ ସହ ଦୁର୍ଗାମାଧବ ସିଂହାସନକୁ ବିଜେ କରିଥାନ୍ତି । ଏହାସହ ତିନି ବାଡ଼ରେ ମଙ୍ଗଳାର୍ପଣ କରାଯାଇଥାଏ । ଏହି ଅବସରରେ ଜଗନ୍ନାଥ ବଲ୍ଲଭ ମଠରେ ଠାକୁରଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା କରାଯିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି । ଦଶହରା ଅବସରରେ ମା'ବିମଳାଙ୍କ ପ୍ରତିନିଧି ଭାବେ ପୂଜା ପାଉଥିବା ମା' କାକୁଡ଼ିଖାଇଙ୍କ ରାତିରେ ବିସର୍ଜନ ହୋଇଛନ୍ତି । ଏଥିସହ ଗୁରୁବାର ଅନ୍ୟ ସମସ୍ତ ଗୋଷାଣୀଙ୍କର ଶ୍ରୀମନ୍ଦିର ସମ୍ମୁଖରେ ଦେବୀସଭା ଅନୁଷ୍ଠିତ ହେବ ।ପରେ ଏକାଦଶୀ ଦୀପ ଉଠିବା ପରେ ସମସ୍ତ ଗୋଷାଣିଙ୍କ ବିସର୍ଜନ ଅନୁଷ୍ଠିତ ହେବ । ସମସ୍ତ ଗୋଷାଣୀଙ୍କ ଭସାଣି ଉତ୍ସବ କିଭଳି ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ ହେବ, ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

*-ବିଜୟ ପଟ୍ଟନାୟକ,ପୁରୀ*



ଭାରତର ୭ଟି ସ୍ଥାନରେ ହୁଏ...

# ରାବଣଙ୍କ ପୂଜା

*ସ୍ଥାନୀୟ ଲୋକକଥା, ଧାର୍ମିକ ବିଶ୍ୱାସ ଓ ପାରମ୍ପରିକ ମାନ୍ୟତା ଅନୁଯାୟୀ, ଏହି ସ୍ଥାନଗୁଡ଼ିକରେ ରାବଣଙ୍କୁ କେବଳ ରାମାୟଣର ଏକ ଚରିତ୍ର ଭାବରେ ନୁହେଁ, ବରଂ ଜଣେ ଶିବଭକ୍ତ, ବିଦ୍ୱାନ, ଜ୍ଞାନୀ ରାଜା ଓ ପୂର୍ବପୁରୁଷ ଭାବରେ ଦେଖାଯାଏ । କେଉଁଠି ତାଙ୍କୁ ଜ୍ଞାନୀ ଭାବରେ ସମ୍ମାନ ଦିଆଯାଏ ତ ଆଉ କେଉଁଠି ତାଙ୍କ ସହ ଜଡ଼ିତ ବଂଶପରମ୍ପରାକୁ ଗୁରୁତ୍ୱ ଦିଆଯାଏ ।*

### ବିସରଖ, ଉତ୍ତରପ୍ରଦେଶ

ସ୍ଥାନୀୟ ମାନ୍ୟତା ଅନୁଯାୟୀ, ଏହି ଗାଁ ରାବଣଙ୍କ ପିତା ଋଷି ବିଶ୍ରବାଙ୍କ ସହ ସମ୍ପର୍କିତ । ଏହି କାରଣରୁ ଏଠାକାର ଅନେକ ଲୋକ ରାବଣଙ୍କୁ ନିଜ ପରମ୍ପରାର ଏକ ଅଂଶ ଭାବରେ ଦେଖନ୍ତି । ଏଠାରେ ଦଶହରା ଅବସରରେ ରାବଣ ଦହନ କରିବା ପରିବର୍ତ୍ତେ ପୂଜାର୍ଚ୍ଚନା କରାଯିବାର ପରମ୍ପରା ରହିଛି । ଗାଁର ରାବଣଙ୍କ ସହ ଜଡ଼ିତ ମନ୍ଦିର ଓ ଧାର୍ମିକ ପରମ୍ପରା ଏହାକୁ ଦଶହରା ସମୟରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।

### ମନ୍ଦସୌର, ମଧ୍ୟପ୍ରଦେଶ

ମଧ୍ୟପ୍ରଦେଶର ମନ୍ଦସୌର ରାବଣଙ୍କ ପୂଜା ପାଇଁ ଚର୍ଚ୍ଚିତ । ସ୍ଥାନୀୟ ଲୋକକଥା ଅନୁଯାୟୀ, ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ସହ ଏହି ଅଞ୍ଚଳର ସମ୍ପର୍କ ରହିଛି । ଏହି କାରଣରୁ ମନ୍ଦସୌରକୁ ରାବଣଙ୍କ ଶ୍ୱଶୁର ଘର ବୋଲି କୁହାଯାଏ । ଏଠାରେ ରାବଣଙ୍କୁ ଜ୍ୱାଇଁ ଭାବରେ ସମ୍ମାନ ଦେବାର ଏକ ସ୍ଥାନୀୟ ପରମ୍ପରା ପ୍ରଚଳିତ ଥିବା ବିଶ୍ୱାସ କରାଯାଏ ।

### ରାବଣଗ୍ରାମ, ମଧ୍ୟପ୍ରଦେଶ

ମଧ୍ୟପ୍ରଦେଶର ବିଦିଶା ନିକଟରେ ଥିବା ରାବଣଗ୍ରାମ ମଧ୍ୟ ରାବଣଙ୍କ ସହ ଜଡ଼ିତ ଧାର୍ମିକ ପରମ୍ପରା ପାଇଁ ପରିଚିତ । ଏଠାକାର ଲୋକବିଶ୍ୱାସରେ ରାବଣଙ୍କୁ ଏକ ବିଶେଷ ସ୍ଥାନ ଦିଆଯାଏ । ଦଶହରା ଅବସରରେ ତାଙ୍କ ପ୍ରତିକୃତି ଦହନ କରିବା ପରିବର୍ତ୍ତେ ପୂଜା କରାଯିବାର ପରମ୍ପରା ରହିଥିବା କୁହାଯାଏ ।

### କାନପୁର, ଉତ୍ତରପ୍ରଦେଶ

ଉତ୍ତରପ୍ରଦେଶର କାନପୁରରେ ଥିବା ଦଶାନନ ମନ୍ଦିର ରାବଣଙ୍କ ପୂଜା ପାଇଁ ପ୍ରସିଦ୍ଧ । ଏହି ମନ୍ଦିରର ଇତିହାସ ପ୍ରାୟ ୧୩୫ ବର୍ଷ ପୁରୁଣା ବୋଲି କୁହାଯାଏ । ମନ୍ଦିରର ଏକ ବିଶେଷତ୍ୱ ହେଉଛି, ଏହାର ଦ୍ୱାର ବର୍ଷ ସାରା ବନ୍ଦ ରହେ ଏବଂ ଦଶହରା ଦିନ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଖୋଲାଯାଏ ।

### ଯୋଧପୁର, ରାଜସ୍ଥାନ

ରାଜସ୍ଥାନର ଯୋଧପୁରରେ କେତେକ ସମ୍ପ୍ରଦାୟ ରାବଣଙ୍କୁ ନିଜ ବଂଶପରମ୍ପରା ସହ ଜଡ଼ିତ ପୂର୍ବପୁରୁଷ ଭାବରେ ଦେଖନ୍ତି । ଏହି ବିଶ୍ୱାସ ଆଧାରରେ ସେମାନେ ରାବଣଙ୍କୁ ସମ୍ମାନ ଦେଇଥାନ୍ତି ଏବଂ ଦଶହରାରେ ତାଙ୍କ ପ୍ରତିକୃତି ଦହନ କରିବା ପରମ୍ପରାଠାରୁ ଦୂରେଇ ରହନ୍ତି ।

### କାକିନାଡା, ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶର କାକିନାଡାରେ ରାବଣଙ୍କ ସହ ଜଡ଼ିତ ଏକ ମନ୍ଦିର ରହିଥିବା କୁହାଯାଏ । ଏଠାରେ ରାବଣଙ୍କୁ ଜଣେ ପରାକ୍ରମୀ ଶାସକ ଓ ଭଗବାନ ଶିବଙ୍କ ମହାନ ଭକ୍ତ ଭାବରେ ଦେଖାଯାଏ । ରାବଣଙ୍କ ଶିବଭକ୍ତି, ତପସ୍ୟା ଓ ଜ୍ଞାନକୁ ଏହି ପରମ୍ପରାରେ ବିଶେଷ ଗୁରୁତ୍ୱ ଦିଆଯାଏ ।

### କାଙ୍ଗଡ଼ା, ହିମାଚଳପ୍ରଦେଶ

ହିମାଚଳପ୍ରଦେଶର କାଙ୍ଗଡ଼ା ଅଞ୍ଚଳରେ ମଧ୍ୟ ରାବଣଙ୍କୁ ନେଇ ଭିନ୍ନ ଧାର୍ମିକ ମାନ୍ୟତା ପ୍ରଚଳିତ ରହିଛି । ରାବଣଙ୍କୁ ଭଗବାନ ଶିବଙ୍କ ଜଣେ ମହାନ ଉପାସକ ଭାବରେ ଦେଖାଯାଏ । ପୁରାଣ ଓ ଲୋକବିଶ୍ୱାସ ଅନୁଯାୟୀ, ରାବଣ କଠୋର ତପସ୍ୟା କରି ଶିବଙ୍କୁ ପ୍ରସନ୍ନ କରିଥିଲେ । କେତେକ ସ୍ଥାନୀୟ ମାନ୍ୟତାରେ ରାବଣଙ୍କ ମୋକ୍ଷପ୍ରାପ୍ତି ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ଏହି ବିଶ୍ୱାସ ଆଧାରରେ କେତେକ ଲୋକ ରାବଣଙ୍କୁ କେବଳ ଦହନର ପ୍ରତୀକ ଭାବରେ ନ ଦେଖି ଜଣେ ଶିବଭକ୍ତ ଭାବରେ ସମ୍ମାନ ଦିଅନ୍ତି ।



# ବାବାଧାମରେ ଜଳେନି ରାବଣ ମୂର୍ତ୍ତି !



ବିଜୟାଦଶମୀ ଆସିଲେ ଦେଶର ବିଭିନ୍ନ ସ୍ଥାନରେ ରାବଣ ଓ କୁମ୍ଭକର୍ଣ୍ଣଙ୍କ ବିରାଟ ମୂର୍ତ୍ତି ଦହନ କରାଯାଏ । ଏହାକୁ ଅସତ୍ୟ ଉପରେ ସତ୍ୟ ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ଦେଖାଯାଏ । କିନ୍ତୁ ଝାଡ଼ଖଣ୍ଡର ପ୍ରସିଦ୍ଧ ଧାର୍ମିକ ସହର ଦେଓଘର ବା ବାବାଧାମରେ ଏହି ପରମ୍ପରା ପାଳନ କରାଯାଏ ନାହିଁ । ଏହା ପଛରେ ରହିଛି ରାବଣଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଧାର୍ମିକ ଆସ୍ଥା ଓ ଭଗବାନ ଶିବଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ସହ ଜଡ଼ିତ ଏକ ପୌରାଣିକ କାହାଣୀ । ଦେବଘରରେ ଅବସ୍ଥିତ ବାବା ବୈଦ୍ୟନାଥ ଧାମ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ । ସ୍ଥାନୀୟ ଧାର୍ମିକ ମାନ୍ୟତା ଅନୁସାରେ ଏହି ପବିତ୍ର ଜ୍ୟୋତିର୍ଲିଙ୍ଗର ସ୍ଥାପନା ସହ ଲଙ୍କାପତି ରାବଣଙ୍କ ଗଭୀର ତପସ୍ୟା ଓ ଶିବଭକ୍ତିର ସମ୍ପର୍କ



ରହିଛି । ଏଠାରେ ଭଗବାନ ଶିବଙ୍କୁ ରାବଣେଶ୍ୱର ମହାଦେବ ଭାବେ ମଧ୍ୟ ଜଣାଯାଏ । ଏହି କାରଣରୁ ବାବାଧାମରେ ରାବଣଙ୍କ ପୁତଳା ଦହନ କରିବା ପରିବର୍ତ୍ତେ ତାଙ୍କର ଶିବଭକ୍ତିକୁ ସମ୍ମାନ ଦିଆଯାଏ ।

### ରାବଣଙ୍କ ଶିବଭକ୍ତିକୁ ଦିଆଯାଏ ସମ୍ମାନ

ପୌରାଣିକ କଥା ଅନୁସାରେ ରାବଣ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ କଠୋର ତପସ୍ୟା କରିଥିଲେ । ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ଶିବ ତାଙ୍କୁ ଜ୍ୟୋତିର୍ଲିଙ୍ଗ ପ୍ରଦାନ କରିଥିଲେ । ରାବଣ ଏହାକୁ ଲଙ୍କାକୁ ନେବାକୁ ଚାହୁଁଥିଲେ । କିନ୍ତୁ ବାଟରେ ଦୈବୀ ଲୀଳା ଯୋଗୁଁ ଜ୍ୟୋତିର୍ଲିଙ୍ଗଟି ଦେବଘରରେ ସ୍ଥାପିତ ହୋଇଥିବା ବିଶ୍ୱାସ ରହିଛି । ଏହି କାହାଣୀ ଯୋଗୁଁ ଦେବଘରର ଧାର୍ମିକ ଇତିହାସରେ ରାବଣଙ୍କ ଏକ ବିଶେଷ ସ୍ଥାନ ରହିଛି ।

**ଶିବଭକ୍ତି ସହ ଜଡ଼ିତ ରହିଛି ଅନନ୍ୟ ପରମ୍ପରା**

ବାବାଧାମର ତୀର୍ଥ ପୁରୋହିତ ପ୍ରଭାକର ଶାଣ୍ଡିଲ୍ୟଙ୍କ କହିବା ଅନୁସାରେ ରାବଣଙ୍କୁ କେବଳ ଅଧର୍ମର ପ୍ରତୀକ ଭାବେ ଦେଖିବା ପରିବର୍ତ୍ତେ ତାଙ୍କର ମହାନ ଶିବଭକ୍ତିକୁ ମଧ୍ୟ ସ୍ମରଣ କରାଯାଏ । ଭାରତୀୟ ସଂସ୍କୃତିରେ କୃତଜ୍ଞତାର ବିଶେଷ ମହତ୍ତ୍ୱ ରହିଛି । ଶତ୍ରୁ ହୋଇଥିଲେ ମଧ୍ୟ କାହାରି ଉପକାରକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ ମତ ଦେଇଛନ୍ତି । ସ୍ଥାନୀୟ ମାନ୍ୟତା ଅନୁସାରେ ରାବଣଙ୍କ ଯୋଗୁଁ ବାବା ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ ଏହି ଅଞ୍ଚଳ ସହ ଜଡ଼ିତ ହୋଇଥିବାରୁ ତାଙ୍କ ପ୍ରତି କୃତଜ୍ଞତାର ଭାବ ରହିଛି । ବାବା ବୈଦ୍ୟନାଥ ଧାମ କେବଳ ଏକ ଜ୍ୟୋତିର୍ଲିଙ୍ଗ ନୁହେଁ । ଏହା ଶିବ ଓ ଶକ୍ତିଙ୍କ ଆରାଧନାର ଏକ ପ୍ରମୁଖ କେନ୍ଦ୍ର ଭାବେ ମଧ୍ୟ ପରିଚିତ । ଏହି ଅଞ୍ଚଳ ସହ ମାତା ସତୀଙ୍କ ଶକ୍ତିପୀଠର ମାନ୍ୟତା ମଧ୍ୟ ଜଡ଼ିତ । ତେଣୁ ଦେବଘରର ଧାର୍ମିକ ପରମ୍ପରା ଓ ପୌରାଣିକ ବିଶ୍ୱାସର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଠାକାର ଲୋକଙ୍କ ପାଇଁ ରାବଣ କେବଳ ରାମାୟଣର ଏକ ପ୍ରତିପକ୍ଷ ଚରିତ୍ର ନୁହନ୍ତି; ବରଂ ଜଣେ ବିଦ୍ୱାନ ଓ ମହାନ ଶିବଭକ୍ତ ଭାବେ ମଧ୍ୟ ସ୍ମରଣୀୟ । ଏହି ବିଶେଷ ମାନ୍ୟତା ହିଁ ବିଜୟାଦଶମୀରେ ବାବାଧାମରେ ରାବଣ ଦହନ ନ ହେବାର ମୁଖ୍ୟ କାରଣ ।

# ମା'ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା: ଭବାନୀପାଟଣା ଜନ ସମୁଦ୍ର



ଭବାନୀପାଟଣା, (ନି.ପ୍ର): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ସୋମବାର ଭବାନୀପାଟଣା ସହରରେ ମହା ସମାରୋହରେ ଶେଷ ହୋଇଛି। ଏହି ଉପଲକ୍ଷେ ଭବାନୀପାଟଣା ସହରରେ ଜନ ସମୁଦ୍ର ଦେଖିବାକୁ ମିଳିଥିଲା। ମା'ଙ୍କ ବିଜୟ ପ୍ରତିମା ଛତରର ଦିବ୍ୟ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା । ମଧ୍ୟରାତ୍ରିରେ ଗର୍ଭଗୃହରେ ଗୁପ୍ତ ରୀତିନୀତି ସମ୍ପନ୍ନ ହେବା ପରେ ମାଙ୍କ ଚଳନ୍ତି ପ୍ରତିମା 'ଛତର'କୁ ସହର ଉପକଣ୍ଠ ଜେନାଖାଲକୁ ନିଆଯାଇଥିଲା। ସେଠାରେ ସନ୍ଧି ପୂଜା ସରିବା ପରେ ଭୋର ୫ଟାରେ ମା'ଙ୍କ ଛତର ମନ୍ଦିର ଅଭିମୁଖେ ବାହାରିଥିଲା। ଏହି ସମୟରେ ପାରମ୍ପରିକ ବାଦ୍ୟ ଘୁମୁରା, ନିଶାନ,ଘଣ୍ଟ ଦଳ ଓ ଢୋଲର ତାଳେ ତାଳେ ସାରା ଭବାନୀପାଟଣା ସହର ପ୍ରକମ୍ପିତ ହୋଇଉଠିଥିଲା। ସକାଳ ୭ଟା ୪୫ରେ ମା'ଙ୍କ ଛତର ମନ୍ଦିରରେ ପହଞ୍ଚିଥିଲା। ଏହି ସମୟରେ ଯୁବରାଜ ଅଦ୍ୱୈତ ପ୍ରତାପ ଦେଓ ମା'ଙ୍କ ଛତରକୁ ବନ୍ଦାଣ କରି ମନ୍ଦିରକୁ ପାଛୋଟି ନେଇଥିଲେ। ତେବେ ପ୍ରତିବର୍ଷ ମଧ୍ୟାହ୍ନ ସମୟରେ ମା'ଙ୍କ ଛତର ମନ୍ଦିରରେ ପହଞ୍ଚୁଥିବାବେଳେ ଏଥର କିନ୍ତୁ ନିର୍ଦ୍ଧାରିତ ସମୟ ବହୁ ପୂର୍ବରୁ ଫେରିଆସିଥିଲେ। ଯାହାଫଳରେ ଦୂରଦୂରାନ୍ତରୁ ଆସିଥିବା ଅନେକ ଶ୍ରଦ୍ଧାଳୁ ମା'ଙ୍କର ଦର୍ଶନ ପାଇବାରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଛତର ଯାତ୍ରା ଉପଲକ୍ଷେ ସ୍ଥାନୀୟ ଅନେକ କଳାକାର ବିଭିନ୍ନ ବେଶ ପୋଷାକରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିବାବେଳେ ୩୫ ଟି ସାଂସ୍କୃତିକ ମା'ଙ୍କ ଆଗରେ ନିଜ କଳା ପ୍ରଦର୍ଶନ କରିଥିଲେ। ମା'ଙ୍କ ଯାତ୍ରା ସମୟରେ କଳାହାଣ୍ଡି ଜିଲ୍ଲାପାଳ ଓ ଏସ ପି ମଧ୍ୟ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। ଅନ୍ୟପଟେ,ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବଳି ପ୍ରଥା ବନ୍ଦ ପାଇଁ ସଚେତନତା କରୁଥିଲେ ମଧ୍ୟ ଏହି ଯାତ୍ରାରେ ପରମ୍ପରା ନାଁରେ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ପଶୁ, ପକ୍ଷୀ ବଳି ଦେଉଥିବା ଦେଖିବାକୁ ମିଳିଥିଲା। ଫଳରେ ଜେନାଖାଲ ଠାରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ୩କିମି ରାସ୍ତା ରକ୍ତ ରଞ୍ଜିତ ହୋଇ ଉଠିଥିଲା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ଏବଂ ଡ୍ରୋନ୍ କ୍ୟାମେରା ଜରିଆରେ ନଜର ରଖାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ବିଭିନ୍ନ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା ଫେଲ ମାରିଥିଲା। ବିଶେଷକରି ଜୁନାଗଡ଼-ଭବାନୀପାଟଣା ଘଣ୍ଟା ୨୬ ରାସ୍ତା ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ହେବା ଯୋଗୁଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ନିଶାମୁକ୍ତ ଗ୍ରାମ ଗଠନ ନେଇ ସଚେତନତା ଅଭିଯାନ

କଣ୍ଟିଲୋ, (ନି.ପ୍ର): ନିଶାମୁକ୍ତ ଭାରତ ଗଠନ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏ ପରିପ୍ରେକ୍ଷୀରେ ଏକ ନିଶାମୁକ୍ତ ସିଙ୍ଘାପଡ଼ା ଗ୍ରାମ ଗଠନ ନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଖଣ୍ଡପଡ଼ା ସହରର ଯୁବ ସମାଜସେବୀ ମହେନ୍ଦ୍ର କୁମାର ବାରିକଙ୍କ ନେତୃତ୍ୱରେ ଅଣ୍ଟା ଭିଡିଥିବା ଜଣାପଡିଛି। ମାଇଁ ଭାରତ ନୟାଗଡ ଓ ଖଣ୍ଡପଡ଼ାର ସାମାଜିକ ଅନୁଷ୍ଠାନ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଙ୍ଘାପଡ଼ା ଗ୍ରାମରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ହାତରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ଅବସରରେ ନିଶାଦ୍ରବ୍ୟ ସେବନର ଭୟାବହତା ସଂପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳରେ ନିଶାଦ୍ରବ୍ୟର କାରବାର ସଂପୂର୍ଣ୍ଣ ରୁପେ ବନ୍ଦ କରିବା ଦିଗରେ ଯୁବକ ସଂଘର ସଦସ୍ୟମାନେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡ଼ିଥିବା ବେଳେ ନୟାଗଡ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଅବକାରୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ଯୁବକ ମାନଙ୍କୁ ସହଯୋଗର ହାତ ବଢାଇବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

## କପିଳେଶ୍ୱର ଦେବଙ୍କ ପୂଜକଙ୍କ ପରଲୋକ

ନିରାକାରପୁର, (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତର ଇଷ୍ଟଦେବ ଶ୍ରୀକପିଳେଶ୍ୱର ଦେବଙ୍କ ପୂଜକ ମାର୍କଣ୍ଡ ସାମନ୍ତରାୟ (୯୦) ରବିବାର ବିଳମ୍ବିତ ରାତିରେ ବାର୍ଦ୍ଧକ୍ୟଜନିତ କାରଣରୁ କୋଲସାହିସ୍ଥିତ ନିଜ ବାସଭବନରେ ପରଲୋକ ଗମନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। କନିଷ୍ଠ ପୁତ୍ର ନିକୁଞ୍ଜ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସାରା ପଞ୍ଚାୟତରେ ତଥା ମାଳି ସେବାୟତ, କାହାଳିଆ ସେବାୟତ ଓ ମନ୍ଦିର ପରିଚାଳନା କମିଟି ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ପଛରେ ବଡ଼ ବୋହୂ ମିନତୀ ପଣ୍ଡା, ସାନ ପୁଅ ନିକୁଞ୍ଜ ସାମନ୍ତରାୟ, ସାନ ବୋହୂ ରୀନା, ବଡ଼ ନାତି ଗଗନ ବିହାରୀ ସାମନ୍ତରାୟ, ବଡ଼ ନାତୁଣୀ ଶୁଭ ଲକ୍ଷ୍ମୀ ସାମନ୍ତରାୟ, ସାନ ନାତି ଗୁଟୁ, ନାତୁଣୀ ଜିନା ଓ ଟୀନା ଏବଂ ଅନ୍ୟ ପରିବାରବର୍ଗ ଓ ଗ୍ରାମବାସୀ ଶୋକସନ୍ତପ୍ତ ଅଛନ୍ତି।

## ନବ ଦିନାତ୍ମକ ଦୂର୍ଗୋତ୍ସବ ପୂଜା ଲାଗି ସାହାପୁର ଉତ୍ସବମୁଖର



ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ବ୍ଲକ ସାହାପୁର ଗ୍ରାମ ବଡ଼ଦାଣ୍ଡ ସାହି ଅସ୍ଥାୟୀ ମଣ୍ଡପରେ ଅନୁଷ୍ଠିତ ନବଦିନାତ୍ମକ ଶାରଦୀୟ ଦୂର୍ଗୋତ୍ସବ ପୂଜା ଉପଲକ୍ଷେ ଗ୍ରାମ ଚଳଚଞ୍ଚଳ ହୋଇ ଉତ୍ସବ ମୁଖର ହୋଇଛି। ପ୍ରଥମ ଦିବସରେ ମଣ୍ଡଳ କରଣ ଓ ବିଲବାଧିବାସ, ଦ୍ୱିତୀୟ ଦିବସରେ ଜଳଯାତ୍ରା, ନବ ପତ୍ରିକା ସ୍ନାନ, କର୍ମାରମ୍ଭ, ମୃଣୟ ମୂର୍ତ୍ତି ସଂସ୍କାର, ପ୍ରାଣ ପ୍ରତିଷ୍ଠା, ପୂଜା, ହୋମ ଓ ଆଳତୀ ନୀତି ସମ୍ପନ୍ନ ହୋଇଥିଲା। ତୃତୀୟ ଦିବସରେ ଷଟକର୍ମ, ସୂର୍ଯ୍ୟ ପୂଜା ଓ ସହସ୍ର ନାମ, ଦେବୀ ମହୋପଚାର ପୂଜା ଓ ସହସ୍ରନାମ ଓ ଅନ୍ତିମ ଷଷ୍ଠ ଧରି ପ୍ରତ୍ୟହ ସହସ୍ରାର୍ଚ୍ଚନ, ପୂଜା, ହୋମ, ଆଳତୀ ଦେବୀ ମହାତ୍ମ୍ୟ ପଠନ ଓ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଦଣ୍ଡପାଣି ଆଚାର୍ଯ୍ୟ ଓ ସହଯୋଗୀ ବୈଦିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ନିର୍ବାହ କରିଥିଲେ। ପ୍ରତ୍ୟହ ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ଜଗତ ଜନନୀ ମହାମାୟୀ ମା ଦୁର୍ଗାଙ୍କ ଦିବ୍ୟ ଓ ଭବ୍ୟ ମୃଣୟ ପ୍ରତିମାକୁ ଭକ୍ତି ଓ ବିଶ୍ୱାସର ସହିତ ଦର୍ଶନ, ନୈବେଦ୍ୟ ଅର୍ପଣ ଓ ସମର୍ପଣ କରି ବିଭୁକୃପା ଲାଭ କରିଥିଲେ। ବଡଦାଣ୍ଡ ସାହି ପୂଜା କମିଟି ପକ୍ଷରୁ ଭଗବାନ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ପ୍ରଶାନ୍ତ ନାହାକ, ସୂର୍ଯ୍ୟ ପ୍ରଧାନ ଓ କୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ, ଭୋଗ ଅର୍ପଣ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଲାଗି ସମସ୍ତ ପ୍ରକାର ସହଯୋଗ ଓ ସହାୟତା କରିଥିଲେ।

## ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

ପୁରୀ(ନିପ୍ର): ପୁରୀ ପୋଲିସ ପକ୍ଷରୁ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ଏସପି ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହିଦ ସ୍ମୃତି ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଦେଶ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ନିଜର ପ୍ରାଣବଳି ଦେଇଥିବା ବୀର ପୋଲିସ କର୍ମଚାରୀମାନଙ୍କର ସେ ଏହି ଅବସରରେ ସ୍ମୃତିଚାରଣ କରିଥିଲେ। ଶହୀଦମାନଙ୍କର ଅଦମ୍ୟ ସାହସ, ନିଃସ୍ୱାର୍ଥ ତ୍ୟାଗ ଓ ଅତୁଟ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ କହିଥିଲେ। ସେମାନଙ୍କ ମହାନ ବଳିଦାନରୁ ପ୍ରେରଣା ଗ୍ରହଣ କରି ଜନସାଧାରଣଙ୍କ ସୁରକ୍ଷା, ଶାନ୍ତି ଓ ଆଇନଶୃଙ୍ଖଳା ରକ୍ଷା ଦିଗରେ ନିଷ୍ଠା ଓ ସମର୍ପଣ ଭାବନାର ସହ କାର୍ଯ୍ୟ କରିବାକୁ ପୁରୀ ପୋଲିସ ପ୍ରତିବଦ୍ଧ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ଆସିକା କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ



ଆସିକା (ନିପ୍ର): ଆସିକା କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ଏବଂ କୁଶ ପୁତ୍ତଳିକା ଦାହ କରାଯାଇଛି। ଏସ ଡି ଆର ଆଇନ ପ୍ରତ୍ୟାହାର ଓ କେନ୍ଦ୍ର ନିର୍ବାଚନ ଆୟୋଗ ଜ୍ଞାନେସ କୁମାରଙ୍କ ଇସ୍ତଫା ଦାବୀ ନେଇ ଆଜି ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନରେ ଜୋନ ନମ୍ବର ୪ ସଭାପତି ହଜାରୀ ପରିଡା, ୨ ନମ୍ବର ଜୋନ ସଭାପତି ଅନିଲ ବେହେରା ଆସିକା ମୁନସିପାଲଟି ସଭାପତି ରାଜେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ଉପସଭାପତି ସ୍ୱପନେଶ୍ୱର ବିଷୋୟୀ ବ୍ଲକ ଉପସଭାପତି ମହେନ୍ଦ୍ର ବିଷୋୟୀ,ଉପସଭାପତି ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ ବ୍ଲକ ସମ୍ମୁଖରେ କୁଶ ପୁତ୍ତଳିକା ଦାହ କରିଛନ୍ତି। ପ୍ରକାଶ ଥାଉକି ଏହି ଆନ୍ଦୋଳନ ଜିଲ୍ଲାର କୌଣସି ଠାରେ ଆୟୋଜନ ହୋଇନଥିଲା ବେଳେ କେବଳ ଆସିକା ବ୍ଲକ କଂଗ୍ରେସ ଆୟୋଜନ କରିଛି। ଆସିକା ଜିଲ୍ଲାର ଏକ ସମ୍ବେଦନଶୀଳ ବ୍ଲକ ହୋଇଥିଲା ବେଳେ ନାମକୁ ମାତ୍ର ଆଠ ଜଣ କର୍ମୀମାନଙ୍କ ମଧ୍ୟରେ ସୀମିତ ରହିଥିବା ଦେଖିବାକୁ ମିଳିଥିଲା। ନିକଟରେ ରାଜ୍ୟ ବ୍ୟାପି କଂଗ୍ରେସ ଓଡିଶା ବନ୍ଦ ବେଳେ ଆସିକା ଠାରେ ଶହ ଶହ ନେତା ଓ କର୍ମୀ ମାନଙ୍କ ଦ୍ୱାରା ଦୀର୍ଘ ବର୍ଷ ପରେ ନୂତନ ଉତ୍ସାହ ନେଇ ସମ୍ପୂର୍ଣ୍ଣ ଆନ୍ଦୋଳନଟି ସଫଳ ହୋଇଥିଲା। ଆସିକା ବ୍ଲକ ପଶ୍ଚିମ କଂଗ୍ରେସ ସଂଗଠନ ଭିତରେ ରହିଛି। ପଶ୍ଚିମ କଂଗ୍ରେସ ସଭାପତି ଦଣ୍ଡପାଣି ପାତ୍ର ଏବଂ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରାଘବ ପରିଡା ଆସିକା କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ଓ ରାଜ୍ୟ ମହିଳା ସମ୍ପାଦିକା ସୂଦୀପ୍ତା ଦାଶ, ଆସିକା ବିଧାୟିକା ପ୍ରାର୍ଥୀ ସୁରଭି ବିଷୋୟୀ ଭଳି କୌଣସି ରାଜ୍ୟ କିମ୍ବା ଜିଲ୍ଲା ଆଗଧାଡିର ନେତା ମାନଙ୍କୁ ଏହି ବିକ୍ଷୋଭରେ ଦେଖିବାକୁ ମିଳିନଥିଲା।

## ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା

ବେଲଗୁଣ୍ଠା,(ନିପ୍ର), ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ବେଲଗୁଣ୍ଠା ସହରର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସହରର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସର ଓ କଂସାରି ସାହିରେ ଭକ୍ତିମୟ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା, ଆଳତି ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ଅଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ୧୦୮ ଆଳତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ପୂଜକ ଗାଣ୍ଡୁ ପତି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିସହିତ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି କଂସାରି ସାହିରେ ମା'ଙ୍କ ପୂଜା ଅବସରରେ ୧୦୦୮ ଆଳତି ଅନୁଷ୍ଠିତ ହୋଇଥିଲା। ପୂଜକ ଯୋଗୀ ପତି ପୂଜାବିଧି ସମ୍ପନ୍ନ କରିଥିଲେ। ଏହି ଅବସରରେ ଜୟ ଜଗନ୍ନାଥ ଭଜନ ମଣ୍ଡଳୀ ପକ୍ଷରୁ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଭଜନ ଓ ଭକ୍ତି ସଙ୍ଗୀତରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ପୂଜାର ଅନ୍ୟତମ ଆକର୍ଷଣ ଭାବେ ଆଜି କାନିକା ପ୍ରସାଦ ବଣ୍ଟନ କରାଯାଇଥିଲା। ପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉଭୟ ପୂଜାସ୍ଥଳୀରେ ପ୍ରବଳ ଜନସମାଗମ ହେବା ସହ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଦୁର୍ଗାପୂଜାକୁ ନେଇ ସମଗ୍ର ସହରରେ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା।

**ନୟାଗଡ:** ଦିଲ୍ଲୀ ରୁ ପଲ୍ଲୀ ,ଦେଶରୁ ବିଦେଶ ସବୁଆଡେ ଶାରଦୀୟ ଦୁର୍ଗାପୂଜାର ମାହୋଲ ଦେଖିବାକୁ ମିଳିଛି । ପାର୍ବଣ ଋତୁରେ ଜଗତ ଜନନୀ ମାଆ ଦୁର୍ଗା ଙ୍କର ଧରାବତରଣ ହୋଇଛି ।ପାପର ବିନାଶ କରି ଧର୍ମ ସଂସ୍ଥାପନ ମହିଷାସୁର କୁ ବଦ୍ଧ କରି ପୃଥିବୀ ରେ ଶାନ୍ତି ପ୍ରତିଷ୍ଠା ପାଇଁ ମାଆ ଙ୍କର ଆବିର୍ଭାବ । ଶକ୍ତି ପୀଠ ମାନଙ୍କରେ ଆଲୋକ ତୋରଣର ସାଜସଜ୍ଜା ସାଙ୍ଗକୁ ଆକର୍ଷଣୀୟ ମେଢ଼ ଓ ପାରମ୍ପରିକ ବାଦ୍ୟର ସମ୍ଭାରରେ ଦର୍ଶକଙ୍କର ବେଶ ଭିଡ ଜମୁଛି । ଭକ୍ତ ମାନେ ମାଆ ଙ୍କର ଦର୍ଶନ ଲାଭ କରି ଆର୍ଶୀବାଦ ଗ୍ରହଣ ନିମନ୍ତେ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହୋଇ ଧନ୍ୟ ମନେ କରୁଛନ୍ତି । ପବିତ୍ର ଦଶହରାରେ ଆକର୍ଷଣୀୟ ଆତସବାଜି ସାଙ୍ଗକୁ ରାବଣ ପୋଡି ଦୃଶ୍ୟ ଶ୍ରଦ୍ଧାଳୁ ଙ୍କ ମନରେ ବେଶ ଉପଭୋଗ୍ୟ ହୋଇ ଉଠିଛି । ନୟାଗଡର ପୁରୁଣା ସହରରେ ଅବସ୍ଥିତ ଆରାଧ ଦେବୀ ମାଆ ଦକ୍ଷିଣକାଳୀ ଙ୍କ ପୀଠ ରେ ଶ୍ରଦ୍ଧାଳୁଙ୍କ ବେଶ ସୁଅ ଛୁଟିଛି। ମାଆଙ୍କର ବିଭିନ୍ନ ବେଶ ଦେଖି ତଥା ଆଳତୀ ସମୟରେ ଭକ୍ତ ମାନଙ୍କ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିଛି ।

## ଓଡ଼ିଶା ପୋଲିସ ମୁଖ୍ୟାଳୟରେ ୬୭ତମ ଶହୀଦ ସ୍ମୃତି ଦିବସ

କଟକ(ନିପ୍ର): ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୭ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବୀର ଶହୀଦଙ୍କ ପରିବାରବର୍ଗ ପ୍ରତି ମଧ୍ୟ ସମବେଦନା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖ ଅଞ୍ଚଳରେ ଚୀନ ସୈନ୍ୟଙ୍କ ସହ ଲଢ଼େଇ କରି ୧୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ସେହି ବୀର ଯବାନଙ୍କ ଅଦମ୍ୟ ସାହସ ଓ ସର୍ବୋଚ୍ଚ ବଳିଦାନର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ସମଗ୍ର ଦେଶରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଉଛି।

## ସିପିଆଇ(ଏମ) ପକ୍ଷରୁ ଚାନ୍ଦବାଲି ଏନ୍ ଏ ସି ରେ ତ୍ରିରଙ୍ଗା ଯାତ୍ରା



ଭଦ୍ରକ/ ଚାନ୍ଦବାଲି(ନିପ୍ର): ଭୋଟଚୋର ଜ୍ଞାନେଶ କୁମାରକୁ ଗିରଫ କର, ମୁଖ୍ୟ ନିର୍ବାଚନ କମିଶନର ଚୟନ କମିଟିରେ ସଂସ୍କାର ଆଣ, ଏସ୍ ଆଇ ଆର ପ୍ରକ୍ରିୟା ବାତିଲ କର, ଇଭିଏମ ହଟାଇ ବାଲାଟ ପେପର ଫେରାଇ ଆଣ ଦାବିରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ପକ୍ଷରୁ ଚାନ୍ଦବାଲି ଏନ୍ ଏ ସି ଅନ୍ତର୍ଗତ ନୂଆଧାମରା, ପୋଖରୀ ସାହି, ଘି କୋଇଲି ଓ ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆମ୍ବିଳିଗାଁ ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଯାତ୍ରାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଯୁବନେତା ଅଶୋକ ବେହେରା,ଆଲୋକ ସ୍ୱାଇଁ, ବରିଷ୍ଠ ନେତା ଫକୀର ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଆମ ଦେଶର ସମ୍ବିଧାନ, ସ୍ୱାଧୀନତା,ଗଣତନ୍ତ୍ରର ସୁରକ୍ଷା ପାଇଁ ଚାନ୍ଦବାଲି ବାସୀ ଏକଜୁଟ ହୋଇ ଆସନ୍ତା ନଭେମ୍ବର ୧ ତାରିଖ ଦିଲ୍ଲୀଚଲୋ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ।

## ବିଜୟା ଦଶମୀରେ ଶସ୍ତ୍ର ପୂଜନ ଓ ଖଣ୍ଡା ଯାତ୍ରା



ତରଭା,(ନିପ୍ର): ତରଭା କ୍ଷତ୍ରିୟ ଖଣ୍ଡାୟତ ସମାଜ ତରଫରୁ ବିଜୟା ଦଶମୀରେ ଶସ୍ତ୍ର ପୂଜନ ଏବଂ ଖଣ୍ଡା ଶୋଭାଯାତ୍ରା ମହା ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ତରଭା ଅଞ୍ଚଳର ବିଭିନ୍ନ ଗ୍ରାମରୁ ଖଣ୍ଡାୟତ ସମାଜର ଶହ ଶହ ସଂଖ୍ୟାରେ ବହୁ ବ୍ୟକ୍ତି ବିଶେଷଙ୍କ ସମାଗମ ହୋଇଥିଲା। ତରଭା ପାଟମେଶ୍ୱରି ମନ୍ଦିର ସମ୍ମୁଖରେ ସମସ୍ତେ ଜମା ହୋଇଥିଲେ। ଖଣ୍ଡାୟତମାନଙ୍କ ଆରାଧ ଦେବୀ ଭୈରୋ ଦେବୀଙ୍କ ପ୍ରତୀକ ସ୍ୱରୂପ ଖଣ୍ଡା ଧାରଣ କରି ପାରମ୍ପାରିକ ପୂଜା ଅର୍ଚ୍ଚନା କରି କଖାରୁ ବଳି ଦେଇ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସମୟରେ ମା ପାଟମେଶ୍ୱରୀଙ୍କ ବରୁଆ ସହ ବାଜା ବଜାଇ ବିରାଟ ଖଣ୍ଡାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଯାତ୍ରା ପଟୁଆର ଯାତ୍ରା ପଡିଆରେ ପହଞ୍ଚି ସେଠାରେ ପୂଜାପାଠ କରି ଫେରି ଥିଲା। ନଗରବାସୀ କଳସୀ କୁମ୍ଭ ସ୍ଥାପନ କରି ମାଙ୍କୁ ସ୍ୱାଗତ କରିଥିଲେ। ଏଥିରେ ରମେଶ ଗୁରୁ, ରାମ ନାଏକ, ସୌମୀତ୍ରି ନାଏକ, ଚିରଞ୍ଜିବୀ ନାଏକ ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ଖଣ୍ଡାୟତ ସମାଜ ବ୍ୟକ୍ତି ବିଶେଷ ଭାଗ ନେଇଥିଲେ ଏବଂ ଖଣ୍ଡାୟତ ସମାଜର ଗାରିମା ଉପରେ ନିଜର ମତାମତ ରଖିଥିଲେ।

## ସାଉଁତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର, (ନିପ୍ର): ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅନ୍ତର୍ଗତ ଅଏଁଲାସାରିଠାରେ ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଭକ୍ତିମୟ ଓ ଉତ୍ସବମୁଖର ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବ ଅଞ୍ଚଳର ଧାର୍ମିକ ଆସ୍ଥା, ପରମ୍ପରା ଓ ଲୋକସଂସ୍କୃତିର ଏକ ନିଆରା ପରିଚୟ ସୃଷ୍ଟି କରିଛି। ଲାଲମୋହନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ଯୁବନେତା ନିହାର ରଞ୍ଜନ ବେହେରା, ପ୍ରମୁଖ ମଞ୍ଚାସୀନ ଥିଲେ।

## ଶାନ୍ତି ଶକ୍ତି ଭବନରେ ଚୈତନ୍ୟ ଦେବୀଙ୍କ ଝାଙ୍କି ଦର୍ଶନ କରି ବିମୋହିତ ଶ୍ରଦ୍ଧାଳୁ



ଆସିକା(ନିପ୍ର): ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଆସିକାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶକ୍ତି ଭବନ ପରିସରରେ ଚୈତନ୍ୟ ଦେବୀଙ୍କ ମନୋରମ ଝାଙ୍କି ପ୍ରଦର୍ଶିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଓ ଭକ୍ତିମୟ କାର୍ଯ୍ୟକ୍ରମ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ଆସିକା ବାର୍ ଆସୋସିଏସନର ପୂର୍ବତନ ସଭାପତି ସୁଧାଂଶୁ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଏ. ଯୁଧିଷ୍ଠିର ଦୋରା , ଆସିକା ଚିନିଶିଳ୍ପର ପର୍ଚେଜ୍ ଅଫିସର ବ୍ରହ୍ମାକୁମାର ଅସିତ୍ ଭାଇ ଏବଂ ଚିନ୍ମୟ ମିଶନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା। ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚୈତନ୍ୟ ଦେବୀଙ୍କ ଝାଙ୍କି ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରୁଛି। ମନୁଷ୍ୟ ନିଜ ଭିତରେ ଥିବା ଆସୁରି ପ୍ରବୃତ୍ତିକୁ ତ୍ୟାଗ କରି ଦୈବୀଗୁଣ ଓ ଉତ୍ତମ ସଂସ୍କାର ଧାରଣ କଲେ ଏକ ଆଦର୍ଶ ସମାଜ ଗଠନ ସମ୍ଭବ ହୋଇପାରିବ।

### ରାଈଦାମୋଦର ବ୍ରତ ପାଇଁ ହବିଷ୍ୟାଳୀ କେନ୍ଦ୍ର ପ୍ରସ୍ତୁତ ହେଲାଣି

# ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ: କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ



ପୁରୀ(ନିପ୍ର): ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୨୬ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୨୪ ତାରିଖରେ ଏହା ସମାପ୍ତ ହେବ। ଏହି ପବିତ୍ର ବ୍ରତକୁ ସୁଚାରୁ ରୁପେ ଓ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଜି ତିନୋଟି ଯାକ ହବିଷ୍ୟାଳୀ କେନ୍ଦ୍ର ଅର୍ଥାତ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ବୃନ୍ଦାବତୀ ନିବାସ ଓ ମୁନିସିପାଲ କଲ୍ୟାଣ ମଣ୍ଡପ ମୋଚି ସାହିକୁ ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ ସହ ଅକ୍ଟୋବର ୨୪ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପବିତ୍ର କାର୍ତ୍ତିକ ବ୍ରତରେ ହବିଷ୍ୟାଳୀ ମା'ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ମା ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା,ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,ଦର୍ଶନ ଯାତାୟାତ ପାଇଁ ଗାଡି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଗୁଡ଼ିକ କେଉଁ କେନ୍ଦ୍ରର କେଉଁଠାରେ କରାଯିବ ତାହା କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ହବିଷ୍ୟାଳୀ ମା ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ମା'ମାନଙ୍କର ସୁରକ୍ଷିତ ରହଣି, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ,ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇ ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ।ଏଥିପାଇଁ ଏକ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ୨୩ ତାରିଖ ପୌର ସଦନ ବା ଟାଉନ ହଲ ଠାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି କ୍ଷେତ୍ର ପରିଦର୍ଶନ ସମୟରେ ପିଏମସି କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପିଏମସି ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଏଡିଏମଓ ଡା ବିନୋଦ ରଥ, ଡିପିଏଚସିଓ ଡା ସଞ୍ଜୁ ଦାସ,ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ତିଥି :(ଏକାଦଶୀ) : (ଶତଭିଷା କୁମ୍ଭ )
ଅମୃତ ବେଳା: ପ୍ରାତଃ ୫।୪୭ରୁ ୭।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟ ବିଭୁତି ଓ ଯୋଗକୁ
ଜାଣେ ଅବିଚଳିତ ଭକ୍ତି ଯୋଗରେ ଯୁକ୍ତ ହୋଇଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆନ୍ଧ୍ରର ବହପ !

ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ପଟାଙ୍ଗୀ ବ୍ଲକର ଗ୍ରାମ ପଞ୍ଚାୟତ ହେଉଛି କୋଟିଆ। ଏହାର ଗ୍ରାମପୁଞ୍ଜରେ ରହିଛି ୨୮ ଗ୍ରାମ। ସେଥିମଧ୍ୟରୁ ୨୧ ଗ୍ରାମକୁ ନେଇ ସୀମା ବିବାଦ ଚିନ୍ତାଜନକ। ଆନ୍ଧ୍ରର ମୁକାବିଲା କରିବାକୁ ୨୦୦୬ରେ କୋଟିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସୁପ୍ରିମକୋର୍ଟ ଅନ୍ତରୀଣ ଆଦେଶରେ ସ୍ଥିତାବସ୍ଥା ଜାରି କରିଥିଲେ। ସ୍ଥିତାବସ୍ଥା ଜାରି ରହିବା ବେଳେ ଆନ୍ଧ୍ର ନୀରବ ରହିବା ପରିବର୍ତ୍ତେ ବିଭିନ୍ନ ସମୟରେ କୋଟିଆ ଅଞ୍ଚଳବାସୀଙ୍କୁ ନାନା ଭାବରେ ପ୍ରଲୋଭିତ କରିଆସିଥିବା ସମସ୍ତେ ଜାଣନ୍ତି । କିନ୍ତୁ ଦୁଃଭାର୍ଗ୍ୟଜନକ ଯେ ଆଜି ପର୍ଯ୍ୟନ୍ତ କୋଟିଆ ଅଞ୍ଚଳର ଯେଉଁମାନେ ଆନ୍ଧ୍ର ପ୍ରତି ଆକର୍ଷିତ ବା ଆନ୍ଧ୍ର ଯୋଜନାରେ ଉପକୃତ ହୋଇଛନ୍ତି ସେମାନେ ଯେ ଓଡ଼ିଶା ମାଟିର ଏପରି ଅସ୍ମିତାକୁ ଦୃଢ଼ ଭାବରେ ସ୍ଥାପନ କରିବାରେ କୌଣସି ନେତା ସମର୍ଥ ହୋଇପାରି ନଥିବା ତଥ୍ୟାଭିଜ୍ଞମହଲ ଆଲୋଚନା କରନ୍ତି। ଅସ୍ମିତା ଦୃଢ଼ ରହିଲେ ଅର୍ଥାତ୍ ଚେର ଦୃଢ଼ ରହିଲେ କେହି ବି ତାହାକୁ ହଲାଇପାରିବେ ନାହିଁ।

ଗଣମାଧ୍ୟମ ଖବର ଅନୁଯାୟୀ କୋଟିଆର ଫଗୁଣ ସିନେରୀ, ଗଂଜେଇପଦର ଓ ଫାଟୁସିନେରୀରେ ଆଗାମୀ ନଭେମ୍ବର ପ୍ରଥମ ସପ୍ତାହରେ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ କରାଇବ ଆନ୍ଧ୍ର। କୋଟିଆର ଆଲୋଚ୍ୟ ୩ ଗ୍ରାମକୁ ଆନ୍ଧ୍ର ପ୍ରଦେଶ ସରକାର ନିଜ ରାଜ୍ୟର ପାର୍ବତୀପୁରମ ମାନ୍ୟମ ଜିଲ୍ଲା ଓ ସାଲୁର ବ୍ଲକରେ ସାମିଲ କରାଇ ନିର୍ବାଚନ କରାଇବ। ସବୁଠୁ ଉଦ୍‌ବେଗଜନକ ଯେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ଜାରି ରହିଥିବା ବେଳେ ନିର୍ବାଚନ କମିଶନଙ୍କ ନୀରବତା ମଧ୍ୟ ଆଶ୍ଚର୍ଯ୍ୟଜନକ।

କହିବାକୁ ଗଲେ , କୋଟିଆ ବିବାଦର ସୂତ୍ରପାତ ହେଲାଣି ୧୯୫୫ରୁ । ୧୯୬୮ରେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ ମୂଳ ମାମଲାରେ ୭୩ ଗ୍ରାମ ଥିବା ଉପସ୍ଥାପିତ କରାଯାଇଥିଲା। ତେବେ ୧୯୮୦ ମସିହା ବେଳକୁ ତାହା ୨୧ କରାଗଲା। ସୀମା ସଂକ୍ରାନ୍ତ ବିବାଦ ନ୍ୟାୟାଳୟରେ ବିଚାରାଧୀନ ଥିବା ସତ୍ତ୍ୱେ କେବେ ରାସ୍ତା ତ କେବେ ସ୍ୱାସ୍ଥ୍ୟକେନ୍ଦ୍ର ଅବା ଶିକ୍ଷାନୁଷ୍ଠାନ,କେବେ ପୁଣି ରାସନ କାର୍ଡ ଅବା ଭୋଟର ପରିଚୟ ପତ୍ର , ଏହିଭଳି ଭାବରେ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ପ୍ରଲୋଭିତ କରାଇ ଅତୀତରେ ମତଦାନ ସମୟରେ ବହୁ ଲୋକଙ୍କୁ ଗାଡ଼ିରେ ଭର୍ତ୍ତି କରାଇ ବୁଥ ଅଭିମୁଖେ ନେଉଥିବାର ଦୃଶ୍ୟ ତଥା ଖବର ପ୍ରଚାରିତ /ପ୍ରସାରିତ ହୋଇସାରିଛି।

ଯଦି କେନ୍ଦ୍ରସରକାର ମଧ୍ୟସ୍ଥି ଭୂମିକାରେ ଅବତୀର୍ଣ୍ଣ ହୋଇ ସାମ୍ବିଧାନିକ ତଥ୍ୟ ଆଧାରରେ ଉକ୍ତ ଅଞ୍ଚଳର ଶାନ୍ତିପୂର୍ଣ୍ଣ ସମାଧାନ କରାଇପାରନ୍ତେ, ତେବେ ଅଯଥା ବିବାଦ ପ୍ରଲମ୍ବିତ ହୋଇ ରହନ୍ତା ନାହିଁ। ସବୁଠୁ ଚିନ୍ତାଜନକ ତଥା ବିଡମ୍ବନା ଯେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେଉଁ ଅପସାହସରେ ଆନ୍ଧ୍ର କୋଟିଆର ଆଲୋଚ୍ୟ ତିନି ଗ୍ରାମରେ ପଞ୍ଚାୟତ ଓ ଜିଲ୍ଲାପରିଷଦ ନିର୍ବାଚନ କରାଇବାକୁ ଅଣ୍ଟା ଭିଡିଛି। ଆମ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ ରହିବାନେଇ କ୍ଷମତାସୀନ ମୋହନ ସରକାର ସକ୍ରିୟ ନ ହେଲେ ଆନ୍ଧ୍ରର ବହପ ବଢ଼ିଚାଲିବ। ଏହାକୁ ରୋକିବାକୁ ଥଳକୂଳ ମିଳିବ ନାହିଁ, ଏପରି ହିଁ ମନେ ହେଉଛି।

# ଯୁବପିଢ଼ି : ଆଗାମୀ ଭବିଷ୍ୟତର ସୂତ୍ରଧର

### ବିକ୍ରମ କେଶରୀ ବିଶ୍ୱାଳ

କୌଣସି ରାଷ୍ଟ୍ରର ବୟସ୍କ ଗୋଷ୍ଠୀ ତାର ପଥପ୍ରଦର୍ଶକ ହୋଇଥିବାବେଳେ ଯୁବ ପିଢ଼ି ହୋଇଥାନ୍ତି ଆଗାମୀ ଭବିଷ୍ୟତର ସୂତ୍ରଧର। ଆଜିର ଯୁବପିଢ଼ି ଅଗଣିତ ଅବସର ଏବଂ ସଂଘର୍ଷ ନେଇ ଏକ ଜଟିଳ ସମୟର ସାମ୍ନା କରୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାର ସେମାନଙ୍କୁ ଜ୍ଞାନ, ମନୋରଞ୍ଜନ ଏବଂ ସାମାଜିକ ସମ୍ପର୍କ ସ୍ଥାପନର ଶିଖରରେ ପହଞ୍ଚେଇ ପାରିଛି। ଯଦିଓ ଏହି ପ୍ରଗତି ପଥରେ ବିକର୍ଷଣ ମଧ୍ୟ ରହିଛି, ଯାହା ସେମାନଙ୍କୁ ତାଙ୍କର ଲକ୍ଷ୍ୟ ଓ ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ନେଇଛି। ସାମାଜିକ ଗଣମାଧ୍ୟମ ଅନଲାଇନ ଗେମ, ଡେଟିଂ, ବେଟିଂ ଆପ୍, ଅଶ୍ଳୀଳ ଏବଂ ଉତ୍ତେଜକ ସଙ୍ଗୀତ, ନୃତ୍ୟ, ଦୃଶ୍ୟ ଯୁବପିଢ଼ିଙ୍କୁ ନିଜ ମାୟାବୀ ଜାଲରେ ଛନ୍ଦି ଚାଲିଛି। ଏହାକୁ ବ୍ୟବହାର କରୁଥିବା ଯୁବ ସମାଜ କ୍ଷଣିକ ସୁଖରେ ଚକିତ ହେଉଛନ୍ତି ସତ ହେଲେ ସେମାନଙ୍କର ଭବିଷ୍ୟତ ଯେ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ। ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମକୁ ବର୍ତ୍ତମାନ ସମୟରେ ଯୁବକ ଯୁବତୀମାନେ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଦିନର ସର୍ବାଧିକ ସମୟ ସେମାନେ ଏହି ସବୁ ଆପ୍ ବ୍ୟବହାର କରି ବିତାଉଛନ୍ତି। ଚିନ୍ତାର ବିଷୟ ହେଉଛି ଶିକ୍ଷା ହେଉ କି ଖବର ସଂଗ୍ରହ, ସେମାନେ ସୋସିଆଲ ଆପ ଗୁଡ଼ିକକୁ ମାଧ୍ୟମ ରୂପେ ଚୟନ କରିଛନ୍ତି। ଏଥିରେ ମାତ୍ରାଧିକ ସମୟ ଅତିବାହିତ କରିବା ହେତୁ ସେମାନଙ୍କ ପାଠପଢ଼ା, ବ୍ୟବସାୟ, ରୋଜଗାର, ସାମାଜିକ ମିଳାମିଶା ମଧ୍ୟ ପ୍ରଭାବିତ ହେଉଛି। କେତେବେଳେ ସେମାନେ ଅନଲାଇନ ଡେଟିଂରେ ଆଭାସୀ ସମ୍ପର୍କ ସ୍ଥାପନ କରି ପ୍ରତାରଣାର ଶିକାର ହେଉଛନ୍ତି ତ ପୁଣି କେତେବେଳେ ଅନଲାଇନ ଗେମ ଏବଂ ବେଟିଂ ମାଧ୍ୟମରେ ଟଙ୍କା ଠକେଇ ବା ଲୁଟର ଶିକାର ହେଉଛନ୍ତି। ପରିଣାମ ସମୟ ଅର୍ଥ ଏବଂ ଶ୍ରମ ନଷ୍ଟ ହେବା ସହିତ ଯୁବପିଢ଼ି ମାନସିକ ଅବସାଦର ଶିକାର ମଧ୍ୟ ହେଉଛନ୍ତି। ଯୁବ ସମାଜକୁ ବିପଥଗାମୀ କରାଉଥିବା ଅନ୍ୟ ଏକ କାରଣ ହେଉଛି ନିଶାଦ୍ରବ୍ୟ ସେବନ। ଏହା କେବଳ ମଦରେ ସୀମିତ ନୁହେଁ ବରଂ ଆହୁରି ମାରାତ୍ମକ ଏବଂ ଶୀଘ୍ର କବଳିତ କରୁଥିବା ନିଶାଦ୍ରବ୍ୟ ଉଭୟ ଯୁବକ ଓ ଯୁବତୀଙ୍କୁ ଆକୃଷ୍ଟ କରୁଛି। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଆଧୁନିକତାର ଦୌଡ଼ ଏବଂ ଶୀଘ୍ର ଆଗକୁ ବଢ଼ିବାର ପ୍ରତିଯୋଗିତା ଆମ ଯୁବପିଢ଼ି କେତେବେଳେ ନିଶା ପ୍ରତି ଆକୃଷ୍ଟ ହୋଇ ଏହାକୁ ଅଭ୍ୟାସରେ ପରିଣତ କରିଦେଉଛନ୍ତି ସେମାନେ ମଧ୍ୟ ଜାଣିପାରୁନାହାନ୍ତି। ଅଳ୍ପ ସମୟ ଭିତରେ ପ୍ରତିଷ୍ଠିତ ହେବା ଏବଂ ସ୍ୱଳ୍ପ ପରିଶ୍ରମରେ ଅଧିକ ଆୟ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ନିଶା କାରବାରର ପ୍ରଭାବ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଦେଖାଯାଉଛି। ଗରିବ ହେଉ କି ଧନୀ ଶସ୍ତା ହେଉ କି ମହଙ୍ଗା ଯେ କୌଣସି ନିଶାଦ୍ରବ୍ୟ ବ୍ୟବହାର ବଶବର୍ତ୍ତୀ ହେଲେ ଆମ ଯୁବ ସମାଜ ନିଜ ଆଗାମୀ ଭବିଷ୍ୟତକୁ ନିଜେ ପଙ୍ଗୁ କରିଦେଉଛନ୍ତି। କିଶୋର ଅବସ୍ଥାରେ ଆରମ୍ଭ ହେଉଥିବା ନିଶାସେବନ ପ୍ରାପ୍ତ ବୟସ୍କ ହେଲା ବେଳକୁ ଭୟଙ୍କର ରୂପ ନେଉଛି। ମଦ, ଗୁଟକା, ବିଡ଼ି, ସିଗାରେଟ ସେବନରୁ ଆରମ୍ଭ କରିଥିବା ପିଲା ଆଗକୁ ଯାଇ ଗଞ୍ଜେଇ, ଚରସ, ହେରୋଇନ,. କୋକେନ ଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି। ଦେଶର ଯୁବ ବର୍ଗ ନିଶାଗ୍ରସ୍ତ ହେଲେ ତାଙ୍କ ଶିକ୍ଷା, କ୍ୟାରିୟର, ବ୍ୟବହାର ଓ ଦୈନନ୍ଦିନ ଜୀବନଶୈଳୀ ବାଧାପ୍ରାପ୍ତ ହେଉଛି। ବାପମାଆ କଷ୍ଟ ସହି ପିଲାଙ୍କୁ ଜନ୍ମ ଦେବେ, ତାଙ୍କର ଲାଳନପାଳନ, ଶିକ୍ଷା, ସ୍ୱଚ୍ଛଳ ଜୀବନ ପାଇଁ ଝାଳବୁହା ପରିଶ୍ରମ କରିବେ, ପିଲାଏ ଭଲ ଶିକ୍ଷା ଅନୁଷ୍ଠାନରେ ପାଠ ପଢ଼ିବେ ବୋଲି କିଏ ଜମି ବିକ୍ରି କରିଥିବ ତ କିଏ ତାର ସଞ୍ଚିତ ଧନ ବ୍ୟୟ କରି ଭଲରୁ ଭଲ ଜାଗାକୁ ପଠେଇଥିବ। ନିଜେ ଅସୁବିଧାରେ ରହି ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ବାପା ମାଆଙ୍କ ତମାମ ଜୀବନ ବିତିଯାଏ। ବଦଳରେ ପିଲାମାନେ କର ଫେରାନ୍ତି ? ମୃତ୍ୟୁ ପୂର୍ବରୁ ଗୋଟିଏ ହାତଲେଖା ଚିଠି, ଯେଉଁଠି ସେମାନଙ୍କ ଆତ୍ମହତ୍ୟାର କାରଣ ସୁଦ୍ଧା ସ୍ୱଷ୍ଟ ଭାବରେ ଲେଖା ନଥାଏ। ପରିବାର ସ୍ୱଜନ ଓ ପୋଲିସ ଚିଠିଟିକୁ ନେଇ ଯେତେଦୌଡ଼ାଦୌଡ଼ି କଲାପରେ ବି କିଛି ସ୍ପଷ୍ଟ ଜଣା ପଡ଼େନି। ପରିଣାମ ଦିନ ଦିନ ବିତିଗଲେ ବି କିଛି ଲାଭ ହୁଏ ନାହିଁ ବାପା ମାଆ ସବୁଦିନ ପାଇଁ ହରାଇ ବସନ୍ତି ନିଜର ବଞ୍ଚିବାର ସାହାରା ନିଜର ପିଲାଙ୍କୁ।

ବ୍ୟବସ୍ଥାନୁଯାୟୀ ମନକୁ ମାରି ଶିକ୍ଷାଲାଭ କରୁଥିବା ପିଲମାନେ ବହିପାଠ ଭିତରେ ସୀମିତ ରହିଯାଆନ୍ତି। ଫଳରେ ନା ସଂପର୍କର ତା ସହ କର୍ମୀଙ୍କ ଭିତରେ ସୁସଂପର୍କ ସ୍ଥାପନ କରିପାରନ୍ତି। ନା ଦେଶର ହିତ ପାଇଁ ଉତ୍ତମ ନାଗରିକ ପ୍ରମାଣିତ ହୁଅନ୍ତି। ଏଥିପାଇଁ ମୂଳରୁ ଅଭିଭାବକ ଓ ଶିକ୍ଷକମାନେ ଦାୟୀ ବୋଲି ଅନେକ ମତ ରଖନ୍ତି। ଘରେ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକୀୟ ଅନୁଷ୍ଠାନ ଗୁଡ଼ିକରେ ଆବଶ୍ୟକ ଅନୁଶାସନ ରହିବା ଜରୁରୀ।

ଦୂରଭାଷ : ୯୯୩୮୫୩୬୦୭୬

# ଗଣତନ୍ତ୍ରର ଅଧିକାର ଏବଂ ଏହାର ଉଲ୍ଲଂଘନ

### ଅସିତ ମହାନ୍ତି

**ଯେକୌଣସି କାର୍ଯ୍ୟର ଆଧାର ସ୍ୱଷ୍ଟ ଏବଂ ଆଇନଗତ ହେବା ଉଚିତ, ଯାହା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ବଜାୟ ରହିବ। ଗଣତନ୍ତ୍ରରେ ପ୍ରତିବାଦକୁ ପରିଚାଳନା କରିବାର ସଠିକ୍ ଉପାୟ ଦମନ ନୁହେଁ, ବରଂ ଆଲୋଚନା ଏବଂ ସନ୍ତୁଳନ। ସରକାରଙ୍କୁ ବୁଝିବାକୁ ପଡିବ ଯେ ପ୍ରତିବାଦ ଗଣତନ୍ତ୍ରର ଦୁର୍ବଳତା ନୁହେଁ, ବରଂ ଏହାର ଶକ୍ତି। ଯେତେବେଳେ ଜନସାଧାରଣ ଶାନ୍ତିପୂର୍ଣ୍ଣ ଭାବରେ ନିଜର ମତ ପ୍ରକାଶ କରନ୍ତି, ସେମାନଙ୍କୁ ଶୁଣିବା ଏବଂ ସମ୍ମାନ ଦେବା ହେଉଛି ଏକ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରକୃତ ପରିଚୟ।**

ଗଣତନ୍ତ୍ରର ସବୁଠାରୁ ମୌଳିକ ଭିତ୍ତିଭୂମି ହେଉଛି ଯେ ଜନସାଧାରଣ ସେମାନଙ୍କର ସ୍ୱର ଉଠାଇପାରିବେ ଏବଂ ସରକାର ତାହା ଶୁଣିବେ। କିନ୍ତୁ ୧୦ ତାରିଖରେ ଦିଲ୍ଲୀରେ ଯାହା ଘଟିଲା ତାହା ଏହି ଭିତ୍ତିଭୂମିକୁ ଗଭୀର ଭାବରେ କ୍ଷତିଗ୍ରସ୍ତ କରିଛି। ଯେଉଁଭଳି ଭାବରେ ରାସ୍ତା ଅବରୋଧ କରାଯାଇଥିଲା, ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦମନ କରିବା ପାଇଁ ପୋଲିସ ନିୟୋଜିତ କରାଯାଇଥିଲା ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୁଦ୍ଧରେ ଥିଲା। ସରକାରଙ୍କ ଭୟ ସ୍ୱଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା ଯେ ଯଦି ଜନସାଧାରଣଙ୍କ ସ୍ୱର ଖୋଲାଖୋଲି ଭାବରେ ଉତ୍ତୋଳନ କରାଯାଏ, ତେବେ କ୍ଷମତାର ମୂଳଦୁଆ ଦୋହଲିଯାଇପାରେ।

ପ୍ରତିବାଦ କରିବାର ଅଧିକାର ହେଉଛି ଗଣତନ୍ତ୍ରରେ ସବୁଠାରୁ ପବିତ୍ର ଅଧିକାର। ଯେତେବେଳେ ଲୋକମାନେ ଅନ୍ୟାୟ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ରିତ ହୁଅନ୍ତି, ଏହା ବ୍ୟବସ୍ଥାର ଶକ୍ତିର ଏକ ସଙ୍କେତ ହେବା ଉଚିତ। କିନ୍ତୁ ଏଠାରେ ଯାହା ଘଟିଲା ତାହା ବିପରୀତ ଥିଲା। ପୋଲିସର ମନୋଭାବ ଆଲୋଚନା କିମ୍ବା ସମାଧାନ ପ୍ରତି ନୁହେଁ, ବରଂ କେବଳ ବଳ ପ୍ରୟୋଗ ପ୍ରତି ଥିଲା। ଠେଲାପେଲି, ଅବ୍ୟବସ୍ଥିତ ଆଚରଣ ଏବଂ ବିଶେଷକରି ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରମାଣିତ କଲା ଯେ ସରକାର ଗଣତନ୍ତ୍ର ଅପେକ୍ଷା ଦମନକୁ ବାଛିଛନ୍ତି।

ବିଶ୍ୱ ଦେଖିଲା ଯେ ପୋଲିସ କିପରି ସେମାନଙ୍କର ବରିଷ୍ଠ ଅଧିକାରୀଙ୍କ ଭୂମିକାକୁ କେବଳ 'ବିରୋଧକୁ ବନ୍ଦ କରିବା' ପର୍ଯ୍ୟନ୍ତ ସୀମିତ କରିଥିଲା। ଯେଉଁଠାରେ ସେମାନେ ପ୍ରତିବାଦକାରୀଙ୍କ ଦାବି ଉପରେ ଆଲୋଚନା କରିବା ଉଚିତ ଥିଲା, ସେମାନେ କେବଳ ଆନ୍ଦୋଳନକୁ କିପରି ଦମନ କରିବେ ସେ ବିଷୟରେ ଚିନ୍ତିତ ଥିଲେ। ଏହି ମନୋଭାବ ଗଣତନ୍ତ୍ରର ଆତ୍ମା ବିରୁଦ୍ଧରେ। ଗଣତନ୍ତ୍ର କେବଳ ନିର୍ବାଚନ ବିଷୟରେ ନୁହେଁ, ବରଂ ଲୋକଙ୍କ ସ୍ୱର ଶୁଣିବା ଏବଂ ସମ୍ମାନ କରିବା ବିଷୟରେ। ଆହୁରି ଗମ୍ଭୀର କଥା ହେଉଛି ଯେ ଏହି ଘଟଣାରେ, ପୋଲିସ ପୋଷାକ ପିନ୍ଧିଥିବା ଲୋକଙ୍କୁ ଦେଖାଯାଇଥିଲା ଯାହାକୁ ପ୍ରତିବାଦକାରୀମାନେ ଗୁଣ୍ଡା ଏବଂ କ୍ଷମତାରେ ଥିବା ବ୍ୟକ୍ତି ଭାବରେ ଚିହ୍ନିଥିଲେ। ଯେତେବେଳେ ସେମାନଙ୍କୁ ଧରାପଡ଼ିଲା ଏବଂ ସତ୍ୟ ବାହାରି ଆସିଲା, ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ସେମାନଙ୍କୁ ସହଜରେ ଛାଡି ଦିଆଗଲା। ଏହା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରେ, କାରଣ ଏହା ଦର୍ଶାଏ ଯେ ସରକାର ନିଜ ଲାଭ ପାଇଁ ଆଇନ ଏବଂ ଶୃଙ୍ଖଳାକୁ ବିକୃତ କରିଛି। ପ୍ରଶ୍ନ ହେଉଛି ପ୍ରତିବାଦକୁ ବନ୍ଦ କରିବା ପାଇଁ ପୋଲିସର ମନୋଭାବ କ'ଣ ହେବା ଉଚିତ।

ଗଣତନ୍ତ୍ରରେ, ପୋଲିସର ଭୂମିକା ଜନସାଧାରଣଙ୍କୁ ସୁରକ୍ଷା ଦେବା, ସେମାନଙ୍କୁ ଭୟଭୀତ କରିବା ନୁହେଁ। ଯଦି ପ୍ରତିବାଦ ଶାନ୍ତିପୂର୍ଣ୍ଣ ହୁଏ, ତେବେ ପୋଲିସ କେବଳ ଶୃଙ୍ଖଳା ବଜାୟ ରଖିବା ଉଚିତ। ସେମାନେ ନିଶ୍ଚିତ କରିବା ଉଚିତ ଯେ ପ୍ରତିବାଦ ହିଂସାରେ ଜଡିତ ନହୁଏ, ବରଂ ଜନସାଧାରଣଙ୍କ ସ୍ୱରକୁ ଦମନ କରାନଯାଏ। ପୋଲିସ ମଧ୍ୟସ୍ଥି ଭୂମିକା ଗ୍ରହଣ କରିବା ଉଚିତ, ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ଯୋଗାଯୋଗର ସେତୁ ଭାବରେ କାର୍ଯ୍ୟ କରିବା ଉଚିତ।

କିନ୍ତୁ ଯେତେବେଳେ ପୋଲିସ ନିଜେ ଦମନର ଉପକରଣ ହୋଇଯାଏ, ଗଣତନ୍ତ୍ରର ସନ୍ତୁଳନ ବିଚଳିତ ହୁଏ। ଜନସାଧାରଣଙ୍କ ବିଶ୍ୱାସ ହଜିଯାଏ, ଏବଂ ବ୍ୟବସ୍ଥା କେବଳ ଭୟ ଏବଂ ବଳ ଉପରେ ନିର୍ଭର କରେ। ଏହି ପରିସ୍ଥିତି ଯେକୌଣସି ଗଣତାନ୍ତ୍ରିକ ଦେଶ ପାଇଁ ଘାତକ। ଏହି ଘଟଣା ସ୍ୱଷ୍ଟ କରିଛି ଯେ ଭାରତରେ ଗଣତନ୍ତ୍ର କେବଳ ଏକ ଔପଚାରିକତା ହୋଇପଡୁଛି। ନିର୍ବାଚନ ଅନୁଷ୍ଠିତ ହୁଏ, ସରକାର ଗଠନ ହୁଏ, କିନ୍ତୁ ଜନସାଧାରଣଙ୍କ ସ୍ୱର ଶୁଣିବାର ଅଧିକାର କ୍ରମାଗତ ଭାବରେ ହ୍ରାସ ପାଉଛି। ଯେତେବେଳେ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ମଧ୍ୟ ଦମନ କରାଯାଏ, ଏହା ସୂଚିତ କରେ ଯେ ସରକାର ଗଣତନ୍ତ୍ରକୁ ଭୟ କରନ୍ତି।

ତେଣୁ, ପୋଲିସ ଏବଂ ସରକାର ସେମାନଙ୍କର ମନୋଭାବ ପରିବର୍ତ୍ତନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୌଣସି ଆନ୍ଦୋଳନକୁ ବନ୍ଦ କରିବା ଅର୍ଥ ଏହାକୁ ଚୂର୍ଣ୍ଣ କରିବା ନୁହେଁ, ବରଂ ଏହାକୁ ଶୁଣିବା ଏବଂ ବୁଝିବା। ଗଣତନ୍ତ୍ର କେବଳ ସେତେବେଳେ ବଞ୍ଚିପାରିବ ଯେତେବେଳେ ଲୋକଙ୍କ ସ୍ୱରକୁ ସମ୍ମାନ ଦିଆଯିବ। ଏହି ସମ୍ମାନ ବିନା, ଗଣତନ୍ତ୍ର କେବଳ ନାମକୁ ରହିବ ଏବଂ ବାସ୍ତବରେ, ଏକଛତ୍ରବାଦ ପ୍ରତିଷ୍ଠିତ ହେବ।

ଗଣତନ୍ତ୍ରରେ, ଏକ ବୈଧ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ପରିଚାଳନା କରିବାର ସଠିକ୍ ଉପାୟ ହେଉଛି ଆଲୋଚନା, ସୁରକ୍ଷା ଏବଂ ସନ୍ତୁଳନ। ସରକାର ଏବଂ ପୋଲିସ ଦମନର ଆଶ୍ରୟ ନେବା ପରିବର୍ତ୍ତେ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିବା ଉଚିତ - ଲୋକଙ୍କ ସ୍ୱର ଶୁଣିବା, ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆବଶ୍ୟକ ଏବଂ ଉପଯୁକ୍ତ ପରିମାଣରେ କେବଳ ପ୍ରତିବନ୍ଧକ ଲଗାଇବା।

ଏକ ବୈଧ ପ୍ରତିବାଦକୁ ପରିଚାଳନା କରିବା ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟା: ସାମ୍ବିଧାନିକ ଆଧାର - ଭାରତୀୟ ସମ୍ବିଧାନର ଧାରା ୧୯ (୧)(a) ଏବଂ ୧୯ (୧)(b) ନାଗରିକମାନଙ୍କୁ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାରକୁ ସୁନିଶ୍ଚିତ କରେ। ଏହି ଅଧିକାର ସମ୍ପୂର୍ଣ୍ଣ ନୁହେଁ; ଧାରା ୧୯ (୨)ଏବଂ ୧୯ (୩)ଅନୁଯାୟୀ ସାର୍ବଜନୀନ ଶୃଙ୍ଖଳା, ସୁରକ୍ଷା ଏବଂ ନୈତିକତାର ସ୍ୱାର୍ଥରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଯାଇପାରେ। ସରକାର ଏବଂ ପୋଲିସର ଭୂମିକା: ସଂଳାପକୁ ପ୍ରାଥମିକତା ଦେବା: ପ୍ରତିବାଦକାରୀଙ୍କ ଦାବି ଉପରେ ଆଲୋଚନା କରିବା ଏବଂ ସମାଧାନ ଖୋଜିବା ପାଇଁ ଚେଷ୍ଟା କରିବା। ସୁରକ୍ଷା ସୁନିଶ୍ଚିତ କରିବା: ପୋଲିସର କାମ ହେଉଛି ପ୍ରତିବାଦ ଶାନ୍ତିପୂର୍ଣ୍ଣ ରହିବା ଏବଂ କୌଣସି ହିଂସା କିମ୍ବା ଭଙ୍ଗାରୁଜା ନହେବା ନିଶ୍ଚିତ କରିବା। ସମାନୁପାତିକ କାର୍ଯ୍ୟାନୁଷ୍ଠାନ: ଯଦି କୌଣସି ପ୍ରତିବନ୍ଧକ ଲଗାଯାଏ, ତେବେ ସେଗୁଡ଼ିକ ଆବଶ୍ୟକୀୟ ଏବଂ ସୀମିତ ହେବା ଉଚିତ, ବ୍ୟାପକ ଏବଂ ମନମୁଖୀ ନୁହେଁ।

କ'ଣ ହେବା ଉଚିତ୍ ନୁହେଁ ! ବଳ ଏବଂ ଦମନର ବ୍ୟବହାର: ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ବନ୍ଦ କରିବା ପାଇଁ ଲୋକଙ୍କୁ ଠେଲାପେଲି, ଲାଠିଚାର୍ଜ କିମ୍ବା ଗିରଫ କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୁଦ୍ଧରେ। ମନମୁଖୀ ପ୍ରତିବନ୍ଧକ: ଧାରା ୧୪୪ କିମ୍ବା ଅନ୍ୟାନ୍ୟ ଆଇନ କେବଳ ସେତେବେଳେ ବ୍ୟବହାର କରାଯିବା ଉଚିତ ଯେତେବେଳେ ପ୍ରକୃତ ବିପଦ ଥାଏ, ପ୍ରତିବାଦକୁ ଦମନ କରିବା ପାଇଁ ନୁହେଁ।ଗୁଣ୍ଡାଙ୍କ ବ୍ୟବହାର: ପୋଲିସ ପୋଷାକରେ ଅସାମାଜିକ ତତ୍ତ୍ୱମାନଙ୍କୁ ସାମିଲ କରିବା ଗଣତନ୍ତ୍ରର ଆତ୍ମାକୁ କ୍ଷତି ପହଞ୍ଚାଏ।

ଆଦର୍ଶ ପ୍ରକ୍ରିୟା - ପୂର୍ବ ଅନୁମତି ଏବଂ ମାର୍ଗଦର୍ଶନ: ପୋଲିସ ପ୍ରତିବାଦ ପାଇଁ ପଥ, ସମୟ ଏବଂ ସୁରକ୍ଷା ବ୍ୟବସ୍ଥା ନିର୍ଣ୍ଣୟ କରିବାରେ ସାହାଯ୍ୟ କରିବା ଉଚିତ। ମଧ୍ୟସ୍ଥତା: ବରିଷ୍ଠ ଅଧିକାରୀମାନେ ପ୍ରତିବାଦକାରୀଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବା ଉଚିତ ଏବଂ ସେମାନଙ୍କର ଦାବି ସରକାରଙ୍କୁ ଜଣାଇବା ଉଚିତ। ସନ୍ତୁଳନ: ପ୍ରତିବାଦକାରୀଙ୍କ ଅଧିକାର ଏବଂ ସାଧାରଣ ଜନତାଙ୍କ ଅଧିକାର (ଯେପରିକି ଯାତାୟାତ, ଶାନ୍ତି) ଉଭୟକୁ ବିଚାର କରାଯିବା ଉଚିତ। ସ୍ୱଚ୍ଛତା: ଯେକୌଣସି କାର୍ଯ୍ୟର ଆଧାର ସ୍ୱଷ୍ଟ ଏବଂ ଆଇନଗତ ହେବା ଉଚିତ, ଯାହା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ ବଜାୟ ରହିବ। ଗଣତନ୍ତ୍ରରେ ପ୍ରତିବାଦକୁ ପରିଚାଳନା କରିବାର ସଠିକ୍ ଉପାୟ ଦମନ ନୁହେଁ, ବରଂ ଆଲୋଚନା ଏବଂ ସନ୍ତୁଳନ। ସରକାରଙ୍କୁ ବୁଝିବାକୁ ପଡିବ ଯେ ପ୍ରତିବାଦ ଗଣତନ୍ତ୍ରର ଦୁର୍ବଳତା ନୁହେଁ, ବରଂ ଏହାର ଶକ୍ତି। ଯେତେବେଳେ ଜନସାଧାରଣ ଶାନ୍ତିପୂର୍ଣ୍ଣ ଭାବରେ ନିଜର ମତ ପ୍ରକାଶ କରନ୍ତି, ସେମାନଙ୍କୁ ଶୁଣିବା ଏବଂ ସମ୍ମାନ ଦେବା ହେଉଛି ଏକ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରକୃତ ପରିଚୟ।

ଏହି ଲେଖାଟି ଆଲୋକପାତ କରେ ଯେ ସାମ୍ପ୍ରତିକ ପ୍ରତିବାଦ ସମୟରେ ପୋଲିସର ମନୋଭାବ ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ ଥିଲା। ଜନସାଧାରଣଙ୍କ ସ୍ୱରକୁ ଦମନ କରିବା ପରିବର୍ତ୍ତେ, ଏହାକୁ ଶୁଣାଯିବା ଉଚିତ ଥିଲା। ଗଣତନ୍ତ୍ରର ମୂଳଦୁଆ ହେଉଛି ଯେ ଅନ୍ୟାୟ ବିରୋଧରେ ସ୍ୱର କ୍ଷମତାରେ ଥିବା ବ୍ୟକ୍ତିମାନେ ଉଠାଇବେ ଏବଂ ସ୍ୱୀକୃତି ଦେବେ। ଯେପର୍ଯ୍ୟନ୍ତ ଏହା ନହୁଏ, ଗଣତନ୍ତ୍ର କେବଳ ଏକ ଖାଲି ଶବ୍ଦ ହୋଇ ରହିବ ଏପରି ହିଁ ମନେ ହେଉଛି।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା

### ଡା. ରାଜକିଶୋର ପଣ୍ଡା

**ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପିଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ।**

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ ରେ ମୃତ୍ୟୁବରଣ କଲେ। ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ। ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ। ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରଠାରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ। କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି। ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଣ୍ଟ୍ରାଲ ଷ୍ଟୁଡେଣ୍ଟସ୍ ୟୁନିୟନର ମ୍ୟୁଜିୟମରେ। ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି। ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ। ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଇଛି ସୁରାଓ୍ୱର୍ଦ୍ଦି ମଇଦାନ ଭାବରେ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପିଢ଼ି ଉତ୍ୟକ୍ତ ହୋଇଉଠିଛନ୍ତି। ଉର୍ଦ୍ଦୁ ବିଭାଗର ଛାତ୍ର "ଅବୁ ତୈୟାବ ହାବିଲଦାର୍" ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉଁ ବ୍ୟକ୍ତି ବଙ୍ଗଳା ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତ୍ତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ। ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା। ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ। ଏହି ବିରୋଧର ଜବାବ ଦେବାକୁ ଯାଇ "ଫାତିମା ତସନିମ୍ ଜୁମା" ଯିଏ କି ମ୍ୟୁଜିୟମ୍‌ର ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, "ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍।" ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି। ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା "ଏକେ ଫଜଲୁଲ ହକ୍"ଙ୍କ ପାଖରେ ବସିଛନ୍ତି। ଏହି "ଫଜଲୁଲ ହକ୍" ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ। ମ୍ୟୁଜିୟମ୍‌ରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ। ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ। ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତ୍ତିରୁ ଯେତେବେଳେ ଜିନ୍ନା କହିଥିଲେ, "ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ।" ପୂର୍ବ ପାକିସ୍ତାନରେ ବହୁସଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା। ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା।




ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତେବେଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ଗସ୍ତରେ ଆସିଥିଲେ। ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ୱଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ। ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି ଉର୍ଦ୍ଦୁ। ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ। ଛାତ୍ରମାନେ ଜିନ୍ନାଙ୍କର ଏହି ବୟାନର ତତ୍‌କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, "ମାନି ନା", "ମାନି ନା" ଅର୍ଥାତ୍ ଆମେ ମାନିବୁ ନାହିଁ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ପଶ୍ଚିମ ପାକିସ୍ତାନରେ ଉର୍ଦ୍ଦୁ ମୁଖ୍ୟ ଭାଷା ଥିବା ବେଳେ ପୂର୍ବ ପାକିସ୍ତାନରେ ବଙ୍ଗଳା ହେଉଛି ମୁଖ୍ୟ ଭାଷା। ଭାଷାର ଆବଶ୍ୟକତା କେବଳ କଥାବାର୍ତ୍ତାରେ ନିହିତ ନାହିଁ ବରଂ ଏହା ଶିକ୍ଷା, ନିଯୁକ୍ତି, ସାହିତ୍ୟ ଓ ଶାସନ ସହ ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ। ଉର୍ଦ୍ଦୁକୁ ସମଗ୍ର ପାକିସ୍ତାନ (ପୂର୍ବ ଓ ପଶ୍ଚିମ)ର ରାଜଭାଷା ରୂପେ ମାନ୍ୟତା ଦେବା ଫଳରେ ପୂର୍ବଭାଗ ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ପଛେଇଯିବ ବୋଲି ଏଠାକାର ଲୋକମାନେ ମନେକରିଥିଲେ। ଏହା ହିଁ ବାଟ କଢ଼ାଇ ନେଇଥିଲା ୧୯୫୨ ମସିହାର ଭାଷା ଆନ୍ଦୋଳନକୁ। ଏକୋଇଶି ଫେବୃୟାରୀ ୧୯୫୨ ରେ ଢାକାରେ ପୋଲିସର ଗୁଳି ଚାଳନା ଫଳରେ ଅନେକ ଆନ୍ଦୋଳନରତ ଯୁବକ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ପ୍ରମୁଖ ଥିଲେ ଅବଦୁସ ସଲାମ୍, ରଫିକଉଦ୍ଦିନ୍ ଅହମ୍ମଦ୍, ଅବୁଲ ବରକତ୍ ଏବଂ ଅବଦୁଲ ଜବାର। ଏମାନଙ୍କର ବଳିଦାନକୁ ସ୍ମରଣୀୟ କରିବା ପାଇଁ ଏକୋଇଶି ଫେବୃୟାରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ୟୁନେସ୍କୋ ତରଫରୁ ଘୋଷଣା କରାଗଲା ୧୯୯୯ ମସିହାରେ। ପରିଶେଷରେ ୧୯୫୬ ମସିହାରେ ବଙ୍ଗଳା ଭାଷାକୁ ପାକିସ୍ତାନର ସମ୍ବିଧାନରେ ରାଜ୍ୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ସେତେବେଳକୁ ଏହି ଭାଷାଗତ ବିବାଦ ଅତ୍ୟନ୍ତ ଜଟିଳ ଆକାର ଧାରଣ କରିସାରିଥିଲା। ଭାଷାର ଏହି ଅସନ୍ତୋଷ ଧୀରେ ଧୀରେ ଏକ ରାଜନୈତିକ ବିଚ୍ଛିନ୍ନତା ସୃଷ୍ଟି କଲା ଓ ଶେଷରେ ଏହା ଯାଇ ପହଞ୍ଚିଲା ୧୯୭୧ ର ମୁକ୍ତି ସଂଗ୍ରାମରେ। ବାଂଲାଦେଶର ସରକାରୀ ତଥ୍ୟ ଅନୁଯାୟୀ ଏହି ଯୁଦ୍ଧରେ ତିରିଶ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଆଜିର ଏହି ବିରୋଧ ମୁକ୍ତି ସଂଗ୍ରାମର ସ୍ମୃତି ସହ ଜଡ଼ିତ ଅଛି। ବିରୋଧୀ ପକ୍ଷ କହୁଛନ୍ତି କି ବାଂଲାଦେଶ ସେହି ମାଟି ଉପରେ ନିର୍ମିତ ହୋଇଛି ଯେଉଁଠି ଅଗଣିତ ଯୁବପିଢ଼ି ବଙ୍ଗଳା ଭାଷା ପାଇଁ ଜୀବନ ଦେଇଛନ୍ତି। ସେମାନଙ୍କୁ ସଂଗ୍ରହାଳୟରେ ଜିନ୍ନାଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା, ଅତୀତ ଇତିହାସର ଅପମାନ କରିବା ଭଳି ମନେ ହେଉଛି।

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପିଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ। କର୍ଜନ ହଲ ଓ ସୁରାଓ୍ୱର୍ଦ୍ଦି ଉଦ୍ୟାନ ଆଜି ମଧ୍ୟ ୧୯୪୮ ର ବିରୋଧକୁ ମନେପକାଇ ଦିଅନ୍ତି। ତେଣୁ ଏହି ଐତିହ୍ୟ ପରିସର ମଧ୍ୟରେ ଜିନ୍ନାଙ୍କର ୧୯୪୮ ମସିହାର ଭାଷଣର ଫଟୋ ଲଗାଇବା ନିଶ୍ଚିତ ପକ୍ଷେ ବାଂଲାଦେଶର ଜନତାଙ୍କୁ ଅପମାନିତ ବୋଧ କରାଇବ। ପାକିସ୍ତାନ ପାଇଁ ଜିନ୍ନା ହେଉଛନ୍ତି ରାଷ୍ଟ୍ରପିତା। ତାଙ୍କର ଫଟୋ ଉପରେ ଛେପ ପକାଇବା ଓ ପାଦ ରଖିବା ଇସଲାମାବାଦର ସ୍ମୃତି ନିମନ୍ତେ ଗଭୀର ଆଘାତ ବୋଲି ମାନିବାକୁ ପଡ଼ିବ। ସେଠାକାର ସରକାର, ମିଡ଼ିଆ ଓ ରାଜନୈତିକ ଦଳ ଏହାକୁ ବାଂଲାଦେଶର "ଐତିହାସିକ ଶତ୍ରୁତା"ର ନୂଆ ଅଧ୍ୟାୟ ବୋଲି କହିପାରନ୍ତି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଆଗରୁ ଥିବା ଦୁର୍ବଳ ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନରମ ହୋଇପାରେ। କୌଣସି ରାଷ୍ଟ୍ର ନିଜର ଜଟିଳ ଇତିହାସକୁ କେବେ ସମ୍ପୂର୍ଣ୍ଣ ଭାବରେ ଲୋପ କରିପାରିବ ନାହିଁ। କିନ୍ତୁ ସଂଗ୍ରହାଳୟ, ପାଠ୍ୟପୁସ୍ତକ ଓ ଛାତ୍ର ରାଜନୀତି ଏହା ସ୍ଥିର କରନ୍ତି, କି ଅତୀତକୁ କିପରି ସନ୍ତୁଳନତାର ସହିତ ପରିପ୍ରକାଶ କରାଯାଇପାରିବ।

ଜିନ୍ନାଙ୍କ ଫଟୋକୁ ନେଇ ଉଠିଥିବା ବିରୋଧ ଏହା ପ୍ରମାଣିତ କରୁଛି କି ବାଂଲାଦେଶ ଆଜି ପର୍ଯ୍ୟନ୍ତ ଭାଷା ବିଦ୍ୱେଷକୁ ଭୁଲି ନାହିଁ। ଏଠାରେ ଇତିହାସ ବନ୍ଦ ପୁସ୍ତକ ନୁହେଁ ବରଂ ଅଟେ ଜୀବନ୍ତ ଯୁକ୍ତି।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

## ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ

ଖଣ୍ଡପଡ଼ା ୨୧।୧୦ (ନି.ପ୍ର) ସମଗ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ପୁର୍ନବାର ସ୍ଥାନିତ ହୋଇଛି ଡ.ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନାମ। ଶ୍ରୀ ସାହୁ ଲଗାତର ୭ ଥର ଏହି ବିରଳ ସମ୍ମାନର ଅଧିକାରୀ ହୋଇ ରାଜ୍ୟ ପାଇଁ ଜନ୍ମସ୍ଥାନ ଖଣ୍ଡପଡ଼ା ପାଇଁ ଗୌରବ ଆଣିଥିବା ଜଣାଯାଇଛି। ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନ କୁଆହରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବୈଜ୍ଞାନିକ ଶ୍ରୀ ସାହୁ ସୁଦୂର



ହାଇଦ୍ରାବାଦସ୍ଥିତ ବିଟ୍ ପିଲାନିର ଗଣିତ ବିଭାଗରେ ଏବେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ବୈଜ୍ଞାନିକ ଶ୍ରୀ ସାହୁ ପରିବର୍ତ୍ତିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଗବେଷକ ଭାବେ ବେଶ ସୁନାମ ଅର୍ଜନ କରିଥିବା ବେଳେ ନାଭିକୀୟ ଏବଂ କଣିକା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ତାଙ୍କର ଦକ୍ଷତା ପ୍ରତିପାଦନ କରି ପାରିଛନ୍ତି। ସେ ଭାରତୀୟ ଗଣିତ ସମାଜ,ବ୍ରିକ୍ସ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ସଂଘ ପରିଷଦର ଜଣେ ସକ୍ରିୟ ସଦସ୍ୟ ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ କରି ଆସୁଛନ୍ତି।ଚୀନ ବିଜ୍ଞାନ ଏକାଡେମୀ ପକ୍ଷରୁ ଗତ କିଛି ମାସ ତଳେ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଅତିଥି ବୈଜ୍ଞାନିକ ଭାବେ ଫେଲୋସିପ ପ୍ରଦାନ କରାଯାଇଥିଲା। ଏକାଧିକ ବିରଳ ସମ୍ମାନର ଅଧିକାରୀ ହୋଇ ପାରିଥିବା ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ବିଟ୍ସ ପିଲାନି କର୍ତ୍ତୃପକ୍ଷ, ଅନୁଷ୍ଠାନର ଛାତ୍ରଛାତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ବେଳେ ସମଗ୍ର ନୟାଗଡ ଜିଲ୍ଲାବାସୀ ଶ୍ରୀ ସାହୁଙ୍କ କାର୍ଯ୍ୟଦକ୍ଷତାକୁ ନେଇ ବେଶ୍ ଗର୍ବ ଅନୁଭବ କରିଥିବା ଜଣାପଡିଛି।

## ରାଉରକେଲା ପୋଲିସ୍ ପକ୍ଷରୁ ୬୭ତମ ଶହୀଦ ସ୍ମୃତି ଦିବସ

ରାଉରକେଲା, ୨୧/୧୦(ନିପ୍ର): କର୍ତ୍ତବ୍ୟ ପାଳନ ସମୟରେ ପ୍ରାଣ ହରାଇଥିବା ପୋଲିସ କର୍ମଚାରୀଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ସମଗ୍ର ଭାରତରେ ପୋଲିସ ସ୍ମୃତି ଦିବସ (ପୁଲିସ ସ୍ମାରକୀ ଦିବସ) ପାଳନ କରାଯାଏ। ୧୯୫୯ ମସିହା ଅକ୍ଟୋବର ୨୧ ତାରିଖ ଦିନ ଲଦାଖର ହଟ୍ ସ୍ପ୍ରିଙ୍ଗସ୍ ଠାରେ ଚୀନ୍ ସୈନ୍ୟଙ୍କ ଦ୍ୱାରା ଆକ୍ରମଣରେ ଶହୀଦ ହୋଇଥିବା ୧୦ ଜଣ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଯବାନଙ୍କୁ ମନେ ପକାଇଥାଏ। ଲଦାଖରେ ୧୯୫୯ ମସିହା ହଟ୍ ସ୍ପ୍ରିଙ୍ଗସ୍ ଘଟଣାରେ ଭାରତୀୟ ପୋଲିସ ଚୀନ୍ ସୈନ୍ୟଙ୍କ ସହିତ ଅକ୍ଟୋବର ୨୧ ତାରିଖ ଦିନ ମୁହାଁମୁହିଁ ହୋଇଥିଲା ଏବଂ ସେଥିରେ ଭାରତୀୟ ପୋଲିସ୍ ଫୋର୍ସର ୧୦ ଯବାନ ଶହୀଦ ହୋଇଥିଲେ।

୧୯୫୯ ମସିହା ଅକ୍ଟୋବର ୨୧ ତାରିଖକୁ ମନେପକାଇ ରାଉରକେଲା ପୋଲିସ୍ ପକ୍ଷରୁ ରିଜର୍ଭ ପୋଲିସ୍ ପଡିଆରେ ୬୭ତମ ଶହୀଦ ଦିବସ - ୨୦୨୬ ପାଳନ କରାଯାଇଛି। ଏହି ଅବସରରେ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧଓ୍ୱାନୀ, ରେଲୱେ ଏସ୍.ପି. ତ୍ରିନାଥ ପଟେଲଙ୍କ ସମେତ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରାବଣୀ ନାୟକଙ୍କ ସମେତ ରାଉରକେଲା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୬୭ତମ ଶହୀଦ ସ୍ମୃତି ଦିବସରେ ରାଉରକେଲା ପୋଲିସର ଶହୀଦ ହୋଇଥିବା କନେଷ୍ଟବଳ ବେଣୁଧର ନାଏକ, ଏସ୍ଆଇ ଅଜିତ୍ ବର୍ଦ୍ଧନ, କନେଷ୍ଟବଳ ଲକ୍ଷ୍ମଣ କିଶାନ, ହୋମଗାର୍ଡ କାନ୍ଦରି ଲୋହାର, ଡକ୍ଟର ହାବିଲଦାର ବେଲହାମ ମିଞ୍ଜ, ହାବିଲଦାର ନାରାୟଣ ଚନ୍ଦ୍ର ସେଠୀ, କନେଷ୍ଟବଲ ଲରେନ୍ସ ଏକ୍କାଙ୍କୁ ଅମର ଜବାନ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଶହୀଦମାନଙ୍କ ପରିବାର ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୬୭ତମ ଶହୀଦ ସ୍ମୃତି ଦିବସରେ ଏକ ପ୍ୟାରେଡ୍ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର ଶହୀଦ ଦିବସର ତାତ୍ପର୍ଯ୍ୟ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି? 



ବ୍ରଜମୋହନ ରାମଙ୍କ ବାର୍ତ୍ତା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୬୭ତମ ଶହୀଦ ସ୍ମୃତି ଦିବସ ଉପଲକ୍ଷେ ବାର୍ତ୍ତା ପାଠ କରିଥିଲେ। ରାଉରକେଲା ପୋଲିସ ପକ୍ଷରୁ ଶହୀଦ ହୋଇଥିବା ଯବାନମାନଙ୍କ ପରିବାରଙ୍କୁ ଆଜିର ୬୭ତମ ଶହୀଦ ସ୍ମୃତି ଦିବସରେ ଶହୀଦମାନଙ୍କୁ ସମ୍ମାନ ଜଣାଇ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା।

## ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଳକ ଗୁରୁତର

ତରଭା, ୨୧।୧୦ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ବାଲିଖମାର ପଞ୍ଚାୟତ ପରିସରରେ ନିର୍ମିତ ପୋଲ ଉପର ଦେଇ ଯାଇଥିବା ୧୧ ଭେକି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବାଳକ ଗୁରୁତର ହେବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ପୋଲ ପାଖରେ ପୂର୍ବରୁ ୧୧ କେଭି ବିଦ୍ୟୁତ ତାର ଯାଇଥିଲା। ପୋଲ ନିର୍ମାଣ ପରେ ୧୧ କେଜି ତାର ର ଉଚ୍ଚତା କମିଯାଇ ପୋଲ ଉପରୁ ଦୁଇତିନି ଫୁଟ ଉଚ୍ଚତା ରେ ଥିବା ଦେଖାଯାଏ। ଏହା ବିପଦ ସଙ୍କୁଳ ଥିବା ଜଣା ଯାଇଥିଲା ଏବଂ ପୋଲ ଉପର ଦେଇ ଗଲେ ତାର ସଂସ୍ପର୍ଶରେ ଆସିବା ନିଶ୍ଚିତ ମନେ ହେଉଥିଲା। ଗତ ମଙ୍ଗଳବାର ବିଜୟା ଦଶମୀରେ ବଲାଙ୍ଗୀର ଜିଲ୍ଲା ରଣ୍ଡା ଗ୍ରାମର ରୁପେଶ ହିଆଲ ନାମକ ଜଣେ ବାଳକ ବୟସ ୧୦ ବର୍ଷ ସେ ତାର ବାପା ଅଭିମନ୍ୟୁ ହିଆଲଙ୍କ ସହ ବାଲିଖମାର ମାମୁଁ ଘରକୁ ଆସିଥିଲା । କୌଣସି କାରଣ ବଶତଃ ପିଲାଟି ପୋଲ ଉପରକୁ ଯିବା ଏବଂ ଖେଳୁଥିବା ବେଳେ ତାର ହାତ ତାରରେ ବାଜି ଯାଇଥିଲା । ଫଳରେ ପିଲାଟିର ହାତ ପୋଡିଯାଇଥିବା ଏବଂ ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତିକରି ଯାଇ ଚିକିତ୍ସା ଚାଲି ଥିବା ଜଣାପଡ଼ିଛି। ଘଟଣାକୁ କେନ୍ଦ୍ର କରି ସରପଞ୍ଚ ସୁଦାମ ଦୀପଙ୍କୁ ସ୍ଥାନୀୟ ଲୋକେ ଏନେଇ ପୂର୍ବରୁ ସତର୍କ ନ ଥିବା, ବ୍ଲକ ଯନ୍ତ୍ରୀ କାମ ଚାଲିଥିବା ବେଳେ କାହିଁକି ଏ ଉପରେ ଗୁରୁତ୍ୱ ଦେଇନାହାନ୍ତି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅପର ପକ୍ଷରେ ଯଦି ସରପଞ୍ଚ ଟାଟା ବିଦ୍ୟୁତ ବିଭାଗକୁ ଜଣାଇଥିଲେ କାହିଁକି ଟାଟା ବିଦ୍ୟୁତ ଏ ଉପରେ ଗୁରୁତ୍ୱ ନ ଦେଲା ତାହା ଚିନ୍ତାର ବିଷୟ ବୋଲି ଚର୍ଚ୍ଚା ଧରିଛି । ଏନେଇ ସରପଞ୍ଚ ସହ ଯୋଗାଯୋଗ କରିବାରୁ ମୁଁ ବିଦ୍ୟୁତ ବିଭାଗକୁ ଜଣାଇଥିଲି, ଏଷ୍ଟିମେଟ ସରିଛି ବର୍ଷା ଯୋଗୁଁ କାମ ବିଳମ୍ବ ହେଲା ବୋଲି କହିଥିଲେ। ବିଡିଓ ତରଭାଙ୍କ ମତାମତ ନେବାରୁ ସରପଞ୍ଚଙ୍କ ଦ୍ୱାରା ବାଉଁଶ ବାଡ ଘେରା ବନ୍ଦୀ କରାଯାଇଥିବା ଏବଂ ତଦନ୍ତ ପରେ ଏହାର କାରଣ କଣ ତାହା ଜଣାଯିବ ବୋଲି କହିଥିଲେ। ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ହ୍ୱାଟ ଆପ ଗ୍ରୁପ ଜରିଆରେ ମାସେଜ୍ ଦିଆଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିନାହିଁ। ସେ ଯାହା ହେଉନା କାହିଁକି ପିଲାଟି ଅଳ୍ପକେ ବର୍ତ୍ତି ଯାଇଛି । ହେଲେ ଗୋଟିଏ ହାତ ପୋଡି ଯାଇଛି । ଦୋଷ ଟାଟା ବିଦ୍ୟୁତର ହେଉ କି ବ୍ଲକ ପ୍ରଶାସନ ଜେଇର ହେଉ କିମ୍ବା ସରପଞ୍ଚଙ୍କ ହେଉ ତାହା ତଦନ୍ତ ସାପେକ୍ଷ ହେବା ଜରୁରୀ ଏବଂ ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଅଗ୍ନି ବିପନ୍ନଙ୍କୁ ସହାୟତା

ଡେରାବିଶ, ୨୧।୧୦ (ନିପ୍ର): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବଡସଲାରୋ ଗ୍ରାମର ଅଗ୍ନିବିପନ୍ନ ରତ୍ନାକରଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି ସମାଜସେବୀ ଅଜୟ କୁମାର ରାଉତ। ଶନିବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରତ୍ନାକର ପାଢ଼ୀଙ୍କ ୨ ବଖରା ଛପର ଘର ସମେତ ସର୍ବସ୍ୱ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା। ରତ୍ନାକର ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଏବେ ପରଘରେ ଆଶ୍ରୟ ନେଇଛନ୍ତି। ଖବରପାଇ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ସମାଜସେବୀ ଅଜୟ କୁମାର ରାଉତ ବିପନ୍ନ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ଓ ପାଲ ପ୍ରଦାନ କରିଛନ୍ତି। ଶ୍ରୀ ରାଉତ ବିପନ୍ନଙ୍କ ଭଲମନ୍ଦ ବୁଝିବା ସହ ଆଗକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମର ସୁକୁମାର ଦାସ ଓ ପରମେଶ୍ୱର ମଲ୍ଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରେଢ଼ାଖୋଲ ପଟାଖମଣରେ କୁମ୍ଭୀର ଆତଙ୍କ
### ୮ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ

ରେଢ଼ାଖୋଲ, ୨୧।୧୦ (ନିପ୍ର): ରେଳ ଟ୍ରାକ୍ କଡ଼ରେ କୁମ୍ଭୀର ପଡ଼ିଥିଲା ପ୍ରାଣହାନି ଭୟ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ପଟାଖମଣ ଗାଁ ନିକଟରେ ହଠାତ୍ କୁମ୍ଭୀର ପ୍ରତ୍ୟକ୍ଷ ଦର୍ଶନ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ବିଶେଷକରି ପାଖରେ ହିଁ ରେଳ ଟ୍ରାକ୍ ରହିଥିବାରୁ କୁମ୍ଭୀରର ଜୀବନ ପ୍ରତି ବିପଦ ରହିବା ସାଙ୍ଗକୁ ଗ୍ରାମବାସୀଙ୍କ ମଧ୍ୟରେ ଅହେତୁକ ଆତଙ୍କ ଦେଖାଦେଇଥିଲା। ଏହି ଅଞ୍ଚଳରେ ପୂର୍ବରୁ କେବେବି ଏଭଳି ଘଟଣା ଘଟିନଥିବାରୁ, ଏତେ ବଡ଼ ଜୀବଟି କେଉଁଠୁ ଓ କିପରି ଏଠାକୁ ଆସିଲା, ତାହାକୁ ନେଇ ଲୋକେ ନାନା ଆଲୋଚନା କରିବା ଆରମ୍ଭ କରିଥିଲେ। ଏପରିକି କୁମ୍ଭୀରଟି ପୂର୍ବରୁ କେଉଁଠି ଅଣ୍ଡା ଦେଇ ଛୁଆ ଜନ୍ମ କରିଛି କି ନାହିଁ, ସେନେଇ ମଧ୍ୟ ଭୟଭୀତ ଥିଲେ ସ୍ଥାନୀୟ ଲୋକେ। ହେଲେ ଲୋକଙ୍କ ଭୟ ଏବଂ ସୁରକ୍ଷା ଦୃଷ୍ଟିରୁ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ଡେରା ପକାଇଥିଲା। ସମ୍ବଲପୁର ଏବଂ ଅନୁଗୁଳରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଓ ସ୍ଥାନୀୟ ବନ କର୍ମଚାରୀମାନେ ମିଳିତ ଭାବେ ଦୀର୍ଘ ୮ ଘଣ୍ଟା କାଳ ଅକ୍ଳାନ୍ତ ପରିଶ୍ରମ କରି କୁମ୍ଭୀରକୁ କାବୁ କରିବାରେ ସଫଳ ହୋଇଥିଲେ। ବନ ବିଭାଗର ଏହି ଟିମ୍‌ର ପାରିବା ପଣିଆ ଓ ତତ୍ପରତାକୁ ନେଇ ସାଧାରଣରେ ପ୍ରଶଂସା ମଧ୍ୟ କରାଯାଉଛି। ଏତେ ବଡ଼ ସଫଳତା ପରେ ଯେତେବେଳେ ରେଢ଼ାଖୋଲ ଉପଖଣ୍ଡ ବନ ବିଭାଗ ଅଧିକାରୀଙ୍କୁ ଏ ସମ୍ପୂର୍ଣ୍ଣ ଘଟଣା ବାବଦରେ ପଚରାଗଲା, ସେ ଗଣମାଧ୍ୟମ ଆଗରେ ମୁହଁ ଖୋଲିବାକୁ ସମ୍ପୂର୍ଣ୍ଣ ମନା କରିଦେଇଥିଲେ। କୁମ୍ଭୀରଟି ପ୍ରକୃତରେ କେଉଁଠୁ ଆସିଲା, କେତେ ଦିନରୁ ଏଠାରେ ରହିଥିଲା ଏବଂ ଏହାକୁ ଉଦ୍ଧାର କରି କେଉଁ ସୁରକ୍ଷିତ ସ୍ଥାନକୁ ଛଡ଼ାଯିବ ସେ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ସେ ମନା କରିଦେବା ଘଟଣା ବନ ବିଭାଗର କାର୍ଯ୍ୟକାଳ ଉପରେ ସନ୍ଦେହ ସୃଷ୍ଟି କରିଛି। ଲୋକଙ୍କ ଜୀବନ ଜୀବିକା ଓ ସୁରକ୍ଷା ସମ୍ବନ୍ଧୀୟ ଏପରି ଏକ ସମ୍ବେଦନଶୀଳ ଖବରକୁ ଗଣମାଧ୍ୟମରୁ ଲୁଚାଇବା କେତେଦୂର ଯୁକ୍ତିଯୁକ୍ତ ଏହା କୌଣସି ବିଭାଗୀୟ ଦାୟିତ୍ୱହୀନତାକୁ ଲୁଚାଇବାର ପ୍ରୟାସ ନା ଅଧିକାରୀଙ୍କ ରହସ୍ୟଜନକ ମନୋଭାବ ? ତାହାକୁ ନେଇ ବର୍ତ୍ତମାନ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।



## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

ଭବାନୀପାଟଣା, ୨୧।୧୦ (ନିପ୍ର): ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏବଂ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଗସ୍ତ କରି ଜିଲ୍ଲାର ସମସ୍ତ ପିଏମଶ୍ରୀ ବିଦ୍ୟାଳୟକୁ ବୁଲି ଦେଖିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଛନ୍ତି। ବିଦ୍ୟାଳୟ ପରିଦର୍ଶନ ଓ ସମୀକ୍ଷାରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ନିର୍ଦ୍ଦେଶକଙ୍କ ସହ ଉପସ୍ଥିତ ଥିଲେ। ସେ ବିଦ୍ୟାଳୟର ସୁପରିଚାଳନା ତଥା ଭିତ୍ତିଭୂମି ସମୀକ୍ଷା କରିବା ସହ ଛାତ୍ରଛାତ୍ରୀଙ୍କ ଉନ୍ନତ ପ୍ରଦର୍ଶନ ଓ ବିଦ୍ୟାଳୟରେ ଉତ୍ତମ ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଭବାନୀପାଟଣା ଜେଲ ମଧ୍ୟରେ ଥିବା ଅନ୍ତେବାସୀଙ୍କ ସାକ୍ଷରତା ପାଇଁ ପଦକ୍ଷେପ ନେଇ ତାଙ୍କୁ ଉଲ୍ଲାସ ସାକ୍ଷରତା ପୁସ୍ତକ ବଣ୍ଟନ କରିବା ସହ ଜେଲ ମଧ୍ୟରେ ପାଠ ପଢ଼ିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମେଦିନୀପୁର ଗ୍ରାମଠାରେ ବରିଷ୍ଠ ନାଗରିକ ସଂଘଙ୍କ ମାଧ୍ୟମରେ ଗ୍ରାମର ନବସାକ୍ଷରମାନଙ୍କୁ ଉଲ୍ଲାସ ପୁସ୍ତକ ବଣ୍ଟନ କରି ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ମେଦିନୀପୁର ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରି ଜିଲ୍ଲା ଶିକ୍ଷା ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରକାଶରେ ଏ ୱାନ୍ ଗ୍ରେଡ ହାସଲ ପାଇଁ ଚିହ୍ନଟ ହୋଇ ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିରରେ ଅଧ୍ୟୟନ କରୁଥିବା ଭବାନୀପାଟଣା ବ୍ଲକର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ।

## ରେଳ ଲାଇନ୍‌ରେ କଟି ୫୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ

ରେଢ଼ାଖୋଲ, ୨୧।୧୦ (ନିପ୍ର); ସମ୍ବଲପୁର ରେଢ଼ାଖୋଲ ରେଳ ଲାଇନ୍ ପୁଡାବଲଣ୍ଡା ରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି ରେଢ଼ାଖୋଲ ରେଳବାଇ ପୋଲିସ୍ । ମୃତ ବ୍ୟକ୍ତି ଜଣଙ୍କ ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତ ବଣିଆ ବନ୍ଧ ଗ୍ରାମର ଉପେନ୍ଦ୍ର ପ୍ରଧାନ (୫୫) । ଘଟଣାରୁ ଜଣାପଡିଛି ଯେ ଉକ୍ତ ବ୍ୟକ୍ତି ଜଣକ କୌଣସି କାରଣରୁ ଟ୍ରେନ୍ ଲାଇନ୍‌ରେ କଟି ଆତ୍ମହତ୍ୟା କରିଛନ୍ତି । ଘଟଣା ଖବର ପାଇ ପରିବାର ଲୋକେ ଆସି ଶବ ଚିହ୍ନଟ କରିଥିଲେ। ପରେ ରେଲୱେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଦେହକୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ନେଇ ସୂଚନା ମିଳିଛି ।

## ରାସ୍ତାକଡ଼ରୁ କନେଷ୍ଟବଳଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର;ଦୁର୍ଘଟଣା ନା ଅନ୍ୟ କିଛି ?

ବେଲଗୁଣ୍ଠା, ୨୧।୧୦(ନିପ୍ର):ଗଞ୍ଜାମ ଜିଲ୍ଲାରେ ଜଣେ ପୁଲିସ କନେଷ୍ଟବଳଙ୍କ କ୍ଷତବିକ୍ଷତ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ କନେଷ୍ଟବଳ ରମା ଶଙ୍କର ସ୍ୱାଇଁ। ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏହା ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ରମା ଶଙ୍କରଙ୍କ ନିଜ ଘର ବିଞ୍ଝିଗିରି ନିକଟସ୍ଥ ପଥରା ଗ୍ରାମରେ ହୋଇଥିବା ବେଳେ ସେ ଭଞ୍ଜନଗରର ଲଣ୍ଡେଇସାହିରେ ରହୁଥିଲେ। ଗତ ଚାରି ବର୍ଷ ଧରି ସେ ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ ଥିଲେ। ଶନିବାର ରାତି ପ୍ରାୟ ୯ଟାରେ ସେ ନିଜ ହୋଣ୍ଡା ୟୁନିକର୍ଣ୍ଣ ମୋଟର ସାଇକେଲ ଯୋଗେ ଥାନାରୁ ବାହାରିଥିଲେ। ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡ଼ିପୁର କଲେଜ ନିକଟସ୍ଥ ଏକ ପୋଖରୀ ପାଖରେ ସେ ଓ ତାଙ୍କ ମୋଟରସାଇକେଲ ପଡ଼ିଥିବା ନେଇ ଜଗନ୍ନାଥ୍ ପ୍ରସାଦ ପୁଲିସକୁ ଖବର ମିଳିଥିଲା। ଖବର ପାଇ ଜଗନ୍ନାଥପ୍ରସାଦ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁ



ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ତାରସିଂ ଥାନାରେ କାର୍ଯ୍ୟରତ ତାଙ୍କ କନେଷ୍ଟବଲ ଭାଇ ଉମା ଶଙ୍କର ସ୍ୱାଇଁଙ୍କୁ ସୂଚନା ଦିଆଯାଇଥିବା ବେଳେ ଜଗନ୍ନାଥପ୍ରସାଦ ଥାନାରେ ଏନେଇ ଅଭିଯୋଗ ହୋଇଛି। ରବିବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯାଇଛି। ପ୍ରାଥମିକ ଭାବେ କୌଣସି ଅଜଣା ଗାଡ଼ି ଧକ୍କା ଦେବା କିମ୍ବା ରାସ୍ତାରେ ହଠାତ୍ ଜଙ୍ଗଲୀ ଜନ୍ତୁ ଆସିଯିବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ମୋଟରସାଇକେଲରେ ଆଖିଦୃଶିଆ କ୍ଷୟକ୍ଷତି ହୋଇନଥିବା ବେଳେ ରମା ଶଙ୍କରଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ରହିଥିବା ଜଣାପଡ଼ିଛି। ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ତେବେ ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସେ ଜଣେ ସରଳ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବେଲଗୁଣ୍ଠା ପ୍ରେସକ୍ଲବ ପକ୍ଷରୁ ମଧ୍ୟ ଗଭୀର ଶୋକପ୍ରକାଶ କରାଯାଇଛି। ମୃତ କନେଷ୍ଟବଳଙ୍କ ଦୁଇ ପୁଅ ଥିବା ବେଳେ ବଡ଼ ପୁଅ ଯୁକ୍ତଦୁଇ ଏବଂ ସାନ ପୁଅ ନବମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୁଗୁଡ଼ା, ୨୧।୧୦ (ନିପ୍ର): ଦଶହରା ଭଳି ପବିତ୍ର ପାର୍ବଣ ଦିନରେ ଗଞ୍ଜାମ ଜିଲାର ବୁଗୁଡ଼ା ଥାନା ଅଞ୍ଚଳରେ ଏକ ସନ୍ଦେହଜନକ ହତ୍ୟା ଘଟଣା ସାମ୍ନାକୁ ଆସିଛି। ମୋଟାବାଡ଼ି ରାସ୍ତାର ଲକ୍ଷ୍ମୀପୁର ନିକଟ ରାସ୍ତାକଡ଼ରୁ ରକ୍ତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ବୁଗୁଡ଼ା ପୋଲିସ ଉଦ୍ଧାର କରିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବକ ଜଣକ ବୁଗୁଡ଼ା ସହରର ତଳ ଓଡ଼ିଆ ସାହିର ସନ୍ତୋଷ ରାଉତ (୩୨) ବୋଲି ସୂଚନା ମିଳିଛି। ଯୁବକଙ୍କ ତଣ୍ଟିକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ଦୁର୍ବୃତ୍ତ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ହତ୍ୟାର ପ୍ରକୃତ କାରଣ ଓ ଏଥିରେ କେଉଁମାନେ ସମ୍ପୃକ୍ତ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରାଯିବା ପରେ ତାହାକୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଥିବା ଜଣାପଡ଼ିଛି। ଦଶହରା ପର୍ବକୁ ଦୃଷ୍ଟିରେ ରଖି ବୁଗୁଡ଼ା ପୋଲିସ ପକ୍ଷରୁ ଅପରାଧିକ ଘଟଣା ରୋକିବା ପାଇଁ କଡ଼ା ନଜର ରଖାଯାଇଥିବା ସତ୍ତ୍ୱେ ଏଭଳି ଘଟଣା ପୋଲିସର ଚିନ୍ତା ବଢ଼ାଇଛି। ତଦନ୍ତ ପରେ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

## ଧାମନଗରରେ ଦୁଇ ମଣ୍ଡପ ନିର୍ମାଣ ବ୍ୟୟକୁ ନେଇ ଚର୍ଚ୍ଚା !
### ମୂଳଚୁକ୍ତି ଠାରୁ ୧.୩୭ କୋଟି ଅଧିକ ଖର୍ଚ୍ଚ ପ୍ରସ୍ତାବ; ୫.୯୨ କୋଟିର ସଂଶୋଧିତ ଆକଳନକୁ ସୁପାରିସ

ଧାମନଗର, ୨୧।୧୦ (ନିପ୍ର); ଦୁଇ ମଣ୍ଡପ ନିର୍ମାଣ ବ୍ୟୟକୁ ନେଇ ମୂଳ ଚୁକ୍ତିମୂଲ୍ୟଠାରୁ ପ୍ରାୟ ୩୦ ପ୍ରତିଶତ ଅଧିକ ବ୍ୟୟହୋଇଥିବା ଚର୍ଚ୍ଚ ହେଉଛି । ଧାମନଗର ବ୍ଲକର ଜୟନଗର ଓ ଦକ୍ଷିଣାବାଡ଼ଠାରେ ନିର୍ମାଣାଧୀନ ଦୁଇଟି ମଲ୍ଟିପରପଜ୍ ହଲ୍‌ର ସଂଶୋଧିତ ଆକଳନକୁ ନେଇ ଏବେ ଗୁରୁତ୍ୱ ବଢ଼ିଛି। ଉଭୟ ପ୍ରକଳ୍ପର ମୂଳ ଚୁକ୍ତିମୂଲ୍ୟ ୪ କୋଟି ୫୪ ଲକ୍ଷ ୩୯ ହଜାର ୬୩୧ ଟଙ୍କା ଥିବାବେଳେ ଏହାର ସଂଶୋଧିତ ଆକଳନ ୫ କୋଟି ୯୨ ଲକ୍ଷ ୨୩ ହଜାର ୪୬୧ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ମୂଳ ଚୁକ୍ତି ମୂଲ୍ୟଠାରୁ ୧ କୋଟି ୩୭ ଲକ୍ଷ ୮୩ ହଜାର ୮୩୦ ଟଙ୍କାର ଅଧିକ ବ୍ୟୟ ପ୍ରସ୍ତାବ ରହିଛି। ଏହି ଅତିରିକ୍ତ ବ୍ୟୟ ମୂଳ ଚୁକ୍ତି ମୂଲ୍ୟର ୩୦.୩୩୪ ପ୍ରତିଶତ। ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ବୃତ୍ତର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏହି ସଂଶୋଧିତ ଆକଳନକୁ ଅନୁମୋଦନ ନିମନ୍ତେ ଭୁବନେଶ୍ୱରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ (ଭବନ ଓ ସେତୁ)ଙ୍କ ନିକଟକୁ ସୁପାରିଶ କରିଛନ୍ତି। ଜୟନଗର ଠାରେ ୫୦୦ ଆସନ ବିଶିଷ୍ଟ ଏବଂ ଦକ୍ଷିଣାବାଡ ଠାରେ ୩୦୦ ଆସନ ବିଶିଷ୍ଟ ମଲ୍ଟିପରପଜ ହଲ୍ ନିର୍ମାଣ ଚାଲିଛି। ଏହି ଦୁଇଟି ମଣ୍ଡପ ସ୍ଥାନୀୟ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ସାଧାରଣ କାର୍ଯ୍ୟକ୍ରମ ପାଇଁ ଉପଯୋଗୀ ହେବାର ଆଶା ରହିଛି। ତେବେ ପ୍ରକଳ୍ପ ଦୁଇଟିରେ ଆକଳନ ମୂଲ୍ୟରେ ଏତେ ପରିମାଣର ବୃଦ୍ଧି ହେବା ପଛରେ କେଉଁ କାରଣ ରହିଛି, ତାହା ଜାଣିବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୩୬୮୩, ତାରିଖ ୨୫ ଜୁନ୍ ୨୦୨୬କୁ ଆଧାର କରି ଅକ୍ଟୋବର ୬ ତାରିଖରେ ଏହି ସୁପାରିସ କରାଯାଇଛି। ତେବେ ସଂଶୋଧିତ ଆକଳନକୁ ଚୂଡ଼ାନ୍ତ ଅନୁମୋଦନ ମିଳିଛି କି ନାହିଁ, ସେ ସମ୍ପର୍କରେ ଉପଲବ୍ଧ ପତ୍ରରେ ସ୍ପଷ୍ଟ ତଥ୍ୟ ନାହିଁ। ମୂଳ ପ୍ରଶ୍ନ ହେଉଛି— ଅତିରିକ୍ତ ୧.୩୭ କୋଟି ଟଙ୍କାର ବ୍ୟୟ କେଉଁ କାରଣରୁ ଆବଶ୍ୟକ ହେଲା ? ନିର୍ମାଣ କାର୍ଯ୍ୟରେ କେଉଁ ଅତିରିକ୍ତ କାମ ଅନ୍ତର୍ଭୁକ୍ତ ହୋଇଛି ? ଏହି ବ୍ୟୟବୃଦ୍ଧି ର ବୈଷୟିକ ଓ ପ୍ରଶାସନିକ ଆଧାର କ'ଣ ? ଏସବୁ ପ୍ରଶ୍ନର ଉତ୍ତର ବିଭାଗୀୟ ସ୍ପଷ୍ଟୀକରଣ ପରେ ହିଁ ମିଳିପାରିବ। ତେଣୁ ସଂଶୋଧିତ ଆକଳନ ର କାରଣ, ଅନୁମୋଦନ ସ୍ଥିତି ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଏ ଦିଗରେ ନୂଆ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ ମୁଁ ନୂଆ କରି ଦାୟିତ୍ୱ ନେଇଚି ମୋ ଉପରିସ୍ଥ ଅଧିକାରୀ ଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

## ସାନଚେରଗାଁ ଠାରେ ମା' ବସ୍ତରେଣିଙ୍କ ଛତର ଯାତ୍ରା

ଗୋଲାମୁଣ୍ଡା, ୨୧।୧୦(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁ ଗ୍ରାମରେ ବହୁ ଆଡମ୍ବର ସହିତ ମା ବସ୍ତରେଣିଙ୍କ ଛତର ଯାତ୍ରା ପାଳିତ ହୋଇଯାଇଛି । ଏହି ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପରି ଏଠାରେ ବି ପାଳିତ ହୋଇଛି। ମା ବସ୍ତରେଣିଙ୍କ ଛତର ଦିନ ୧ ଘଟିକାରୁ ବାହାରି ଗ୍ରାମର ସମସ୍ତଙ୍କ ଘର ଘର ବୁଲି ପୂଜା ପାଇଥିଲେ । ପୂର୍ବପୁରୁଷମାନଙ୍କ କହିବା ଅନୁଯାୟୀ ଦେବୀଙ୍କୁ ବନ୍ଦାପଣା କରି ନିଜ ନିଜର ଦୁଃଖ ଜଣାଇଲେ ସମସ୍ତ ଭକ୍ତ ବୃନ୍ଦଙ୍କ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରୁଣ୍ଡ ହୋଇ ମାଙ୍କୁ ମୁଣ୍ଡିଆ ମାରି ନିଜ ନିଜ ଦୁଃଖ ଜଣାଇଥିଲେ । ଏହି ଯାତ୍ରାରେ ୮ ଗୋଟି ସଂସ୍କୃତିକ କାର୍ଯ୍ୟକ୍ରମ ଯଥା କଳାହାଣ୍ଡି ବୀର ବାଦ୍ୟ ଘୁମୁରା, ଘଣ୍ଟନାଦ,ମାଦଳ, ଢାବ, ଦୂଲଦୁଲି, ମହାକାଳ ଗ୍ରୁପ, ସମ୍ବଲପୁରୀ ମେଲୋଡି ସହିତ ଅନେକ ପୁରୁଣା ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମାଙ୍କ ଛତର ଯାତ୍ରା ପାଳିତ ହୋଇଥିଲା । କେଗାଁ ପୋଲିସ ପ୍ରଶାସନ ଛତର ଯାତ୍ରାରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା । ଛତର ଯାତ୍ରା ଗ୍ରାମର ପରିଚାଳନା କମିଟିର ମାଧ୍ୟମରେ ଆୟୋଜିତ ହୋଇଥିଲା । କମିଟିରେ ସଭାପତି ଶ୍ରୀନିବାସ ଦାସ,ସମ୍ପାଦକ ଧନଞ୍ଜୟ ବାଗ କୋଷାଧ୍ୟକ୍ଷ ସୁନୀଲ ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଗ୍ରାମର ସମସ୍ତ ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ ।

## ଯାଇଥିଲେ ଚିକିତ୍ସା ପାଇଁ, ବ୍ୟବଚ୍ଛେଦ କରି ଫେରିଲେ
### ନାକଟିଦେଉଳରେ ଦନ୍ତାହାତୀର ମୃତ୍ୟୁ: ୮ ଦିନର ଯନ୍ତ୍ରଣା ପରେ ଚାଲିଗଲା ଜୀବନ

ରେଢ଼ାଖୋଲ, ୨୧।୧୦ (ନିପ୍ର): ବନ ବିଭାଗର ନିଷ୍କ୍ରିୟତା ଏବଂ ସଠିକ୍ ସମୟରେ ଚିକିତ୍ସା ନ ମିଳିବା କାରଣରୁ ପୁଣି ଏକ ମୂଲ୍ୟବାନ୍ ବନ୍ୟଜନ୍ତୁର ଜୀବନ ଗଲା। ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ରେଞ୍ଜର ଗଜାବୁରି-ଖେଷଡ଼ା ଜଙ୍ଗଲରେ ଏକ ଗୁରୁତର ଦନ୍ତାହାତୀର ମୃତ୍ୟୁ ଘଟିଛି। ଗତ ୮ ଦିନ ଧରି ଗୁରୁତର ଭାବେ ଆହତ ହୋଇ ହାତୀଟି ଜଙ୍ଗଲରେ ଛୋଟେଇ ଛୋଟେଇ ଘୂରି ବୁଲୁଥିବା ବେଳେ ଶେଷରେ ତା'ର ପ୍ରାଣହାନି ଘଟିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତ ଦନ୍ତାହାତୀଟିର ଆଗ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ହାତୀଟି ପାଖାପାଖି ୮ ଦିନ ଧରି ଅତ୍ୟନ୍ତ ଯନ୍ତ୍ରଣାରେ ଛଟପଟ ହୋଇ ଜଙ୍ଗଲରେ ବୁଲୁଥିଲା। ଖବର ପାଇ ବନ ବିଭାଗର ଦୁଇଟି ଟିମ୍ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀକୁ ଠାବ କରିବା ଏବଂ ଚିକିତ୍ସା ଯୋଗାଇଦେବା ପାଇଁ ଉଦ୍ୟମ ଜାରି ରଖିଥିବା ଦାବି କରିଥିଲା। ତେବେ ପ୍ରଶ୍ନ ଉଠୁଛି— ଯଦି ବନ ବିଭାଗ ପାଖରେ ସୂଚନା ଥିଲା, ତେବେ ୮ ଦିନ ଧରି ହାତୀଟିକୁ ଠିକ୍ ସମୟରେ ଟ୍ରାଙ୍କୁଲାଇଜ୍ (ଶାନ୍ତ) କରି କାହିଁକି ଚିକିତ୍ସା କରାଗଲା ନାହିଁ? କେବଳ ଡ୍ରୋନ୍ ଉଡ଼ାଇ ଜଙ୍ଗଲରେ ଖୋଜାଖୋଜି କରିବା କାମ କେବଳ ଏକ ବାହାନା ଥିଲା କି ? ଏହି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଏବଂ ତତ୍ପରତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଲୋକଙ୍କ କହିବା ଅନୁଯାୟୀ ଶିକାରୀଙ୍କ ଗୁଳିରେ ଆହତ ହୋଇଥିଲା ଦନ୍ତା ଟି ବୋଲି କୁହାଯାଉଛି । ପ୍ରାଥମିକ ସୂଚନା ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଦନ୍ତାହାତୀଟି କୌଣସି ଶିକାରୀଙ୍କ ଗୁଳି ମାଡ଼ରେ କିମ୍ବା ବେଆଇନ ଜନ୍ତୁ ଶିକାର ଜାଲରେ ପଡ଼ି ଆହତ ହୋଇଥିବା ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଦୁଇ ବର୍ଷରେ ଗଲାଣି ୭ ହାତୀଙ୍କ ଜୀବନ ରେଢ଼ାଖୋଲ ବନଖଣ୍ଡରେ ଦିନକୁ ଦିନ ବନ୍ୟଜନ୍ତୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମିଳିଥିବା ସୂଚନା ମୁତାବକ, କେବଳ ରେଢ଼ାଖୋଲ ବନଖଣ୍ଡରେ ଗତ ଦୁଇ ବର୍ଷ ଭିତରେ ମୋଟ ୭ଟି ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇସାରିଲାଣି। ବାରମ୍ବାର ଏପରି ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁ ନାହିଁ। ଉଚ୍ଚସ୍ତରୀୟ ତଦନ୍ତ ଦାବି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ, ମୃତ ଦନ୍ତାହାତୀର ପ୍ରକୃତ କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ କରାଯାଇଛି । ଏହି ଅବହେଳା ପଛରେ କାହାର ଦାୟିତ୍ୱହୀନତା ରହିଛି, ତାହାର ଏକ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।



## ଯାତ୍ରୀବାହୀ ବସ୍ ଓଲଟି ୧୧ ମୃତ, ୩୦ରୁ ଅଧିକ ଆହତ

ପଞ୍ଜାବ,୨୧।୧୦: ପାକିସ୍ତାନ ପଞ୍ଜାବରେ ଏକ ବଡ଼ଧରଣର ସଡ଼କ ଦୁର୍ଘଟଣା ଘଟିଛି। ରୋଡ ଡିଭାଇଡରରେ ପିଟି ହୋଇ ଯାତ୍ରୀବାହୀ ବସ୍ ଓଲଟିବାରୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବସ୍ କରାଚୀରୁ ଡେରାଗାଜୀ ଖାନ ଜିଲ୍ଲାକୁ ଯାଉଥିଲା। ଏହି ଦୁର୍ଘଟଣା ଲାହୋରରୁ ୫୦୦ କିଲୋମିଟର ଦୂର ରାଜନପୁରରେ ହୋଇଛି। ଏହି ଦୁର୍ଘଟଣା ସଡକର ସେହି ସ୍ଥାନରେ ଘଟିଛି ଯେଉଁଠି ନିର୍ମାଣ କାର୍ଯ୍ୟ ଚାଲୁଥିଲା ବୋଲି ପାକିସ୍ତାନର ଜରୁରିକାଳୀନ ସେବା ୧୧୨୨ର ମୁଖପାତ୍ର କହିଛନ୍ତି। ମୁଖପାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ କହିଛନ୍ତି ଯେ ଯେଉଁ ସମୟରେ ଦୁର୍ଘଟଣା ହେଲା ସେତେବେଳେ ବସ୍‌ର ବେଗ ବେଶ୍ ଦ୍ରୁତ ଥିଲା। ତେବେ ଏହା ଅଧିକାରୀକ ଭାବେ ପୁଷ୍ଟି ହୋଇ ନାହିଁ। ମୁଖପାତ୍ରଙ୍କ ଅନୁସାରେ ବସ୍‌ଟି ଦ୍ରୁତଗତିରେ ଯାଉଥିବା ବେଳେ ଡିଭାଇଡରରେ ପିଟି ହୋଇ ଓଲଟି ପଡିଥିଲା। ଦୁର୍ଘଟଣା ବେଳେ ବସ୍‌ରେ ଯାତ୍ରୀ ଭର୍ତ୍ତି ଥିଲେ। ଏଣୁ କେତେକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଓ ପିଲା ମଧ୍ୟ ଅଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାକୁ ନେଇ ପାକିସ୍ତାନ ପଞ୍ଜାବ ପ୍ରାନ୍ତ ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ଶୋକ ପ୍ରକଟ କରିଛନ୍ତି। ଦୁର୍ଘଟଣାରେ ଆହତଙ୍କୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଅଟଳଜୀଙ୍କ ସ୍ୱପ୍ନ ସାକାର କରୁଛନ୍ତି ମୋଦି: ନିତିନ ନବୀନ

ନୂଆଦିଲ୍ଲୀ,୨୧।୧୦: ଭାରତୀୟ ଜନସଂଘର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନ। ଅଟଳ ବିହାରୀ ବାଜପେୟୀଙ୍କ ସ୍ୱପ୍ନକୁ ମୋଦି ସାକାର କରୁଥିବା ସେ କହିଛନ୍ତି। ଜନସଂଘର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଐତିହାସିକ ଯାତ୍ରା ଏବଂ ଏହାର ମୂଳ ଆଦର୍ଶକୁ ମନେ ପକାଇଛନ୍ତି ନିତିନ। ନିତିନ ନବୀନ କହିଛନ୍ତି, ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଭାରତୀୟ ଜନସଂଘର ସ୍ଥାପନା କରିଥିଲେ । ଆଜି ଏହାର ୭୫ ବର୍ଷ ପୂରଣ ହେବା ସମସ୍ତଙ୍କ ପାଇଁ ଗର୍ବ ଓ ସୌଭାଗ୍ୟର ବିଷୟ। ସାଂସ୍କୃତିକ ରାଷ୍ଟ୍ରବାଦକୁ ମଜଭୁତ କରିବା, 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ପରିକଳ୍ପନା, ଅନ୍ତ୍ୟୋଦୟ ମାଧ୍ୟମରେ ସମାଜର ଶେଷ ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ଏବଂ ସ୍ୱଚ୍ଛ ଶାସନ ପ୍ରତିଷ୍ଠା କରିବା ହେଉଛି ଜନସଂଘର ମୂଳ ଲକ୍ଷ୍ୟ । ଏହି ସବୁ ଉଦ୍ଦେଶ୍ୟକୁ ମୋଦୀ ସରକାର ଆଗକୁ ନେଉଥିବା ସେ କହିଛନ୍ତି । ଦିଲ୍ଲୀରେ ଆୟୋଜିତ 'ସଂକଳ୍ପରୁ ସମର୍ପଣ ପର୍ଯ୍ୟନ୍ତ' ପ୍ରଦର୍ଶନୀକୁ ମଧ୍ୟ ନିତିନ ନବୀନ ପରିଦର୍ଶନ କରିଥିଲେ । ଜନସଂଘରୁ ବିଜେପି ପର୍ଯ୍ୟନ୍ତ ୭୫ ବର୍ଷର ଯାତ୍ରା ରାଷ୍ଟ୍ର ପ୍ରତି ସମର୍ପଣ, ବିଚାରଧାରା ପ୍ରତି ପ୍ରତିବଦ୍ଧତା ଓ ଦେଶସେବାର ଏକ ପ୍ରେରଣାଦାୟୀ ଗାଥା ବୋଲି ସେ କହିଛନ୍ତି। ଏହି ଅବସରରେ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ହର୍ଷ ମଲହୋତ୍ରା ମଧ୍ୟ ଜନସଂଘର ଐତିହାସିକ ଯାତ୍ରାକୁ ମନେ ପକାଇଛନ୍ତି । ୧୯୫୧ ଅକ୍ଟୋବର ୨୧ରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ଭାରତୀୟ ଜନସଂଘ ପ୍ରତିଷ୍ଠା ହୋଇଥିଲା। ଦୀନଦୟାଲ ଉପାଧ୍ୟାୟ, ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାଣୀଙ୍କ ପରି ନେତା ସଂଗଠନକୁ ଆଗକୁ ନେଇଥିଲେ ।

## ମସ୍କଙ୍କ ନିର୍ଦ୍ଦେଶରେ ଷ୍ଟାରଲିଙ୍କ୍ ସେବାରେ କଟକଣା

ୱାସିଂଟନ,୨୧।୧୦: ୟୁକ୍ରେନର ସାମରିକ ଡ୍ରୋନ୍ ଅପରେସନରେ ବ୍ୟବହୃତ ଷ୍ଟାରଲିଙ୍କ୍ ଉପଗ୍ରହ ଯୋଗାଯୋଗ ସେବାର ଗତି ଉପରେ କଟକଣା ଲଗାଇବାକୁ ସ୍ପେସ୍‌ଏକ୍ସ ମୁଖ୍ୟ ଏଲନ୍ ମସ୍କ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଛି। ଆମେରିକାର 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ଏହି ରିପୋର୍ଟ ଦେଇଛି। ୟୁକ୍ରେନ୍ ଯୁଦ୍ଧକ୍ଷେତ୍ରରେ ସୈନ୍ୟଙ୍କ ସହ ଯୋଗାଯୋଗ ରକ୍ଷା କରିବା, ଡ୍ରୋନ୍ ଚଳାଇବା ଓ ରୁଷୀୟ ଡ୍ରୋନକୁ ଅଟକାଇବା ପାଇଁ ଷ୍ଟାରଲିଙ୍କ୍ ସେବା ଉପରେ ନିର୍ଭର କରୁଛି। ଅକ୍ଟୋବର ୧୪ରୁ ଲାଗୁ ହୋଇଥିବା ଏହି କଟକଣା ଯୋଗୁଁ ୟୁକ୍ରେନର ।କ୍ରମଣ କ୍ଷମତା ପ୍ରଭାବିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, କଟକଣା ପରେ ୟୁକ୍ରେନର ଅଧିକ ବେଗରେ ଉଡୁଥିବା ଡ୍ରୋନଗୁଡ଼ିକର ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ଏହା ଯୋଗୁଁ କେତେକ ଡ୍ରୋନ୍ ନଷ୍ଟ ହେବା ସହ ଅନେକ ସାମରିକ ଅଭିଯାନ ବିଫଳ ହୋଇଥିବା ୟୁକ୍ରେନର ଅଧିକାରୀମାନେ କହିଛନ୍ତି।

## ବିଜେପିକୁ ଟାର୍ଗେଟ କଲେ ଅଖିଳେଶ ଯାଦବ

ଲକ୍ଷ୍ନୌ,୨୧।୧୦: ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବଡ଼ ଘୋଷଣା କରିଛନ୍ତି ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ। ରାଜ୍ୟର ଶିକ୍ଷାମିତ୍ରମାନଙ୍କୁ ସରକାରୀ ଚାକିରି ଦେବା ସହ ସେମାନଙ୍କୁ ପୂର୍ଣ୍ଣକାଳୀନ ଶିକ୍ଷକ କରାଯିବ ବୋଲି ସେ କହିଛନ୍ତି। ଏହା ସହିତ ବିଜେପି ସରକାର ଉପରେ ନିର୍ବାଚନରେ ଅନିୟମିତତା କରୁଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି। ଲକ୍ଷ୍ନୌରେ ସାମ୍ବାଦିକମାନଙ୍କ ସହ କଥା ହେବା ସମୟରେ ଅଖିଳେଶ କହିଛନ୍ତି ଯେ, ଶିକ୍ଷାମିତ୍ରଙ୍କୁ ନେଇ ବିଜେପି ଆରମ୍ଭ କରିଥିବା ଅଧାପନ୍ତରିଆ ଯୋଜନାକୁ ସମାଜବାଦୀ ପାର୍ଟି ପୂରଣ କରିବ। ଶିକ୍ଷାମିତ୍ରମାନଙ୍କୁ ପୂର୍ଣ୍ଣ ଶିକ୍ଷକ ଭାବେ ନିଯୁକ୍ତି ଦେଇ ସରକାରୀ ଚାକିରି ଯୋଗାଇ ଦିଆଯିବ ବୋଲି ସେ ଦାବି କରିଛନ୍ତି। ଅଖିଳେଶ ଯାଦବ ବିଜେପିକୁ ଟାର୍ଗେଟ୍ କରି କହିଛନ୍ତି ଯେ, ନିର୍ବାଚନରେ ଅନିୟମିତତା ଓ ହେରଫେର ବିନା ବିଜେପି ଜିତିପାରିବ ନାହିଁ। ନିର୍ବାଚନୀ ପ୍ରକ୍ରିୟାରେ ଶିକ୍ଷା ବିଭାଗର ଅଧିକାରୀଙ୍କୁ ନିୟୋଜିତ କରି ଲୋକଙ୍କୁ ଭୟଭୀତ କରାଯାଉଥିବା ଏବଂ ଚାପ ପକାଯାଉଥିବା ସେ ଅଭିଯୋଗ କରିଛନ୍ତି।

## ଫ୍ରାନ୍ସରେ ମିରାଜ-୨୦୦୦ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ଅନ୍ୟଜଣେ ନିଖୋଜ

ପ୍ୟାରିସ୍,୨୧।୧୦: ପୂର୍ବ ଫ୍ରାନ୍ସ ବାୟୁସେନା ଘାଟିରେ ଅବତରଣ କାଳରେ ଏକ ମିରାଜ-୨୦୦୦ ଡି ଫାଇଟର ଜେଟ୍ ଦୁର୍ଘଟଣାରେ ଧ୍ୱଂସ ହୋଇଯାଇଛି। ରାତ୍ରିକାଳୀନ ଟ୍ରେନିଂ ମିସନରେ ଜଣେ ଚାଳଦଳ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ତେବେ ଅନ୍ୟ ଜଣକ ଏବେ ବି ନିଖୋଜ ଅଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ମିରେଜ ୨୦୦୦ ଡି ଫାଇଟରଜେଟ୍ ୨୦ ଅକ୍ଟୋବର ବିଳମ୍ବିତ ସନ୍ଧ୍ୟାରେ ବାୟୁସେନା ଘାଟିକୁ ଫେରୁଥିଲା। ସେତେବେଳେ ନାନ୍ସୀ-ଓଚେ ବାୟୁସେନା ଘାଟିରୁ ପାଖାପାଖି ୧୮ କିଲୋମିଟର ଦୂର ଉତ୍ତର-ପଶ୍ଚିମ ଦିଗରେ ରୋଗୋଭିଲେ ନିକଟରେ କ୍ରାସ୍ ହୋଇଯାଇଛି। ଏହି ଦୁର୍ଘଟଣାରେ ଜଣେ ପାଇଲଟଙ୍କ ମୃତ୍ୟୁ ହୋଇଥିବା ବେଳେ ଫରାସୀ ସଶସ୍ତ୍ର ବଳ ଶବ ଜବତ କରିଛନ୍ତି। ତେବେ ଅନ୍ୟ ଜଣେ ପାଇଲଟଙ୍କ ସନ୍ଧାନ ଜାରି ରହିଛି। ସ୍ଥାନୀୟ ଅଧିକାରୀ ୟଭେସ ସେଗୁଇ କହିଛନ୍ତି ଯେ ଏକ ଜଙ୍ଗଲ ଉପରେ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା। ପାଗ ଖରାପ ଥିବା ସତ୍ତ୍ୱେ ରାତି ତମାମ ସନ୍ଧାନ ଅଭିଯାନ ଜାରିଥିଲା। ଫ୍ରାନ୍ସର ଏହି ମିରାଜ-୨୦୦୦ ଡି ଫାଇଟର ଜେଟ୍ ଟି ନାନ୍ସୀ-ଓଚେ ଏୟାର ବେସ୍‌ର ଥିଲା। ରାତ୍ରିକାଳୀନ ଟ୍ରେନିଂ ମିସନ ପରେ ବିମାନଟି ଅବତରଣ ଉଦ୍ୟମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

# ପ୍ରାର୍ଥୀଙ୍କ ମିଥ୍ୟା ନିର୍ବାଚନ ସତ୍ୟପାଠକୁ ଚ୍ୟାଲେଞ୍ଜ କରିପାରିବେ ନାଗରିକ



ନୂଆଦିଲ୍ଲୀ,୨୧।୧୦: ଯେକୌଣସି ବ୍ୟକ୍ତି କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କ ବିରୋଧରେ କଥିତ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ଅପରାଧିକ ଅଭିଯୋଗ ସହିତ ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ଯାଇ ପାରିବେ ଓ ଏଭଳି ଅଭିଯୋଗ ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଅଥବା ଅନ୍ୟ ଲୋକସେବକଙ୍କ ପୂର୍ବ ସ୍ୱୀକୃତିର କୌଣସି ଆବଶ୍ୟକତା ନାହିଁ। ଏହା କହିଛନ୍ତି ସୁପ୍ରିମକୋର୍ଟ, ବିଚାରପତି ଜଷ୍ଟିସ୍ ଦୀପାଙ୍କର ଦତ୍ତ ଓ ଜଷ୍ଟିସ୍ ଏସ୍.ନାଗୁଙ୍କ ପୀଠ ଦେଇଥିବା ରାୟରେ କହିଛନ୍ତି ଯେ ନିର୍ବାଚନ ଲାଗି ବୈଧ ପ୍ରାଧିକରଣ ହୋଇଥିଲେ ମଧ୍ୟ ନିର୍ବାଚନ ଆୟୋଗ ବୈଧାନିକ ପ୍ରାବଧାନର ବ୍ୟାଖ୍ୟା କିପରି କରାଯିବ ନିଜ ପ୍ରେସ୍ ନୋଟ୍ ଅଥବା ଗାଇଡଲାଇନରେ ନିର୍ଦ୍ଧାରିତ କରିପାରିବେନି।କୋର୍ଟ କହିଛନ୍ତି ଯେ ନିର୍ବାଚିତ ପ୍ରତିନିଧିଙ୍କୁ ହଇରାଣ କରିବାକୁ ଏପରି ଅଭିଯୋଗର ଉପଯୋଗ ସମ୍ଭାବନାକୁ ଏବେକା ବ୍ୟବସ୍ଥାରେ ଉଚିତ ଢଙ୍ଗରେ ମୁକାବିଲା କରାଯାଇ ପାରିବ ଓ କୋର୍ଟ ଏହି କଥା ଉପରେ ଜୋର ଦେଇଛନ୍ତି ଯେ ଆଇନ ଅନୁସାରେ ମିଥ୍ୟା ଅଭିଯୋଗ ସମାଧାନ ପାଇଁ ମାଜିଷ୍ଟ୍ରେଟ୍ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରିପାରିବେ। ଏଥିରେ କୁହାଯାଇଛି ଯେ ଯଦି କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କୁ ହଇରାଣ କରିବା ପାଇଁ କୌଣସି ଅଭିଯୋଗ ରୁଜୁ ହୁଏ ଅଥବା ଏଥିରେ ନିରାଧାର ଅଭିଯୋଗ ଥାଏ ଦେଶର ଆଇନ ସକ୍ଷମ ମାଜିଷ୍ଟ୍ରେଟଙ୍କୁ ପ୍ରତ୍ୟେକ ମାମଲାର ତଥ୍ୟ ଓ ପରିସ୍ଥିତି ଅନୁରୂପ ଉଚିତ ଏବଂ ଉପଯୁକ୍ତ ଆଦେଶ ଗ୍ରହୀତ କରିବା ପାଇଁ ବିଦ୍ଧିବଦ ଭାବେ ସକ୍ଷମ ଓ ସଶକ୍ତ କରେ। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ଏବେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। କାରଣ ପ୍ରାର୍ଥୀଙ୍କ ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଓ ଅପରାଧିକ ପୃଷ୍ଠଭୂମିର ସୂଚନା ଭୋଟରଙ୍କୁ ବୁଝି ବିଚାରୀ ନିର୍ବାଚନ ନିଷ୍ପତ୍ତି ନେବାକୁ ସହାୟତା କରିବା ଉଦ୍ଦେଶ୍ୟରେ କରାଯାଇଛି। ଧାରା ୧୨୫-ଏ କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୨୦୦୨ର ସେହି ନିଷ୍ପତ୍ତି ପରେ ଲାଗୁ କରାଯାଇଥିଲା ଯେଉଁଥିରେ ୟୁନିୟନ ଅଫ ଇଣ୍ଡିଆ ବନାମ ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ (ଏଡିଆର) ମାମଲାରେ ଭୋଟରଙ୍କୁ ପ୍ରାର୍ଥୀଙ୍କ ସମ୍ପର୍କରେ ପ୍ରାସଙ୍ଗିକ ସୂଚନା ଉପଲବ୍ଧ କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

## ରାମରାଜ୍ୟରେ ଭେଦଭାବ ନୁହେଁ, ସମସ୍ତଙ୍କୁ ସମାନ ସୁଯୋଗ : ମୋଦି





ନୂଆଦିଲ୍ଲୀ,୨୧।୧୦ : ଦଶହରା ଉତ୍ସବରେ ବିକଶିତ ଓ ଆତ୍ମନିର୍ଭର ଭାରତର ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାମରାଜ୍ୟର ଅର୍ଥ କେବଳ ଶାସନ କରିବା ନୁହେଁ, ବରଂ ଏଭଳି ଏକ ବ୍ୟବସ୍ଥା ଗଢ଼ିତୋଳିବା ଯେଉଁଠାରେ କୌଣସି ଭେଦଭାବ ନଥିବ। ସମସ୍ତଙ୍କୁ ନ୍ୟାୟ ମିଳିବ ଏବଂ ପ୍ରତ୍ୟେକ ନାଗରିକ ସମାନ ସୁଯୋଗ ପାଇବେ। ଦଶହରା ଉତ୍ସବରେ ଯୋଗଦେଇ ଏଭଳି ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ସେ ରାମରାଜ୍ୟର ଆଦର୍ଶକୁ ଜନକଲ୍ୟାଣ, ସାମାଜିକ ନ୍ୟାୟ ଓ ଦେଶର ଆତ୍ମନିର୍ଭରତା ସହ ଯୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ରାମରାଜ୍ୟ ଏପରି ଏକ ଶାସନ ବ୍ୟବସ୍ଥାର ପ୍ରତୀକ, ଯେଉଁଠାରେ ଶାସନର ମୂଳ ଉଦ୍ଦେଶ୍ୟ କ୍ଷମତା ଉପଭୋଗ କରିବା ନୁହେଁ, ବରଂ ଲୋକଙ୍କ କଲ୍ୟାଣ ସୁନିଶ୍ଚିତ କରିବା । ବିଶେଷକରି ଗରିବ, ଅବହେଳିତ ଓ ସମାଜର ପଛୁଆ ବର୍ଗର ଲୋକଙ୍କ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ । ନ୍ୟାୟ, ସମାନତା ଓ ଜନସେବା ହିଁ ଏକ ଆଦର୍ଶ ଶାସନ ବ୍ୟବସ୍ଥାର ମୂଳ ଭିତ୍ତି ବୋଲି ସେ ମତ ରଖିଛନ୍ତି । ଭଗବାନ ଶ୍ରୀରାମଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରିବାକୁ ମଧ୍ୟ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ମୋଦି। ସେ ଆହୁରି କହିଛନ୍ତି, ଜୀବନରେ ସଙ୍କଟ ଯେତେ ବଡ଼ ହେଉ କିମ୍ବା ଆହ୍ୱାନ ଯେତେ କଠିନ ହେଉ, ଆମେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ନିଜର ସାମର୍ଥ୍ୟକୁ ଚିହ୍ନିବା, ନିଜ ସମ୍ବଳ ଉପରେ ଭରସା ରଖିବା ଏବଂ ଦୃଢ଼ ସଂକଳ୍ପକୁ ଶକ୍ତିରେ ପରିଣତ କରିବା ଆବଶ୍ୟକ । ନିଜ ପରିଶ୍ରମ ଓ ଉଦ୍ୟମ ବଳରେ ପ୍ରତ୍ୟେକ ସମସ୍ୟାର ସମାଧାନ ଖୋଜିବାକୁ ପଡ଼ିବ । ଏହି ଆଦର୍ଶକୁ ଦେଶର ବିକାଶ ସହ ଯୋଡ଼ି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଭାରତ ସାମ୍ନାରେ ଦୁଇଟି ବଡ଼ ଲକ୍ଷ୍ୟ ରହିଛି। ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତ । ଏହି ଲକ୍ଷ୍ୟ ହାସଲ ପାଇଁ ଦେଶକୁ ନିଜର ଶକ୍ତି, ସମ୍ବଳ ଓ ସାମର୍ଥ୍ୟ ଉପରେ ବିଶ୍ୱାସ ରଖି ଆଗକୁ ବଢ଼ିବାକୁ ହେବ । ଦଶହରା ଅବସରରେ ମୋଦୀଙ୍କ ଏହି ବାର୍ତ୍ତାରେ ରାମରାଜ୍ୟର ଆଦର୍ଶ ସହ ଆଧୁନିକ ଭାରତର ବିକାଶ ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯାଇଛି । ଭେଦଭାବମୁକ୍ତ ଶାସନ, ସମସ୍ତଙ୍କ ପାଇଁ ସମାନ ସୁଯୋଗ, ଗରିବଙ୍କ କଲ୍ୟାଣ ଓ ଆତ୍ମନିର୍ଭରତାକୁ ସେ ନିଜ ଅଭିଭାଷଣର ମୁଖ୍ୟ ବିଷୟ କରିଛନ୍ତି ।

## ୮ ଦିନ ପରେ ଜେଲରୁ ମୁକୁଳିଲେ ସୌରଭ-ରାଙ୍କା



ନୂଆଦିଲ୍ଲୀ,୨୧।୧୦: କକରୋଚ୍ ଜନତା ପାର୍ଟିର ଦୁଇ ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ମିଳିଛି ଜାମିନ। ଉଭୟଙ୍କ ନ୍ୟାୟିକ ହାଜତ ଅବଧି ଆଜି ଶେଷ ହେଉଥିବା ବେଳେ, ଦିଲ୍ଲୀ ପୋଲିସ ସେମାନଙ୍କ ହାଜତ ଅବଧି ଆଉ ୩ ଦିନ ବଢ଼ାଇବାକୁ କୋର୍ଟରେ ଆବେଦନ କରିଥିଲା। କିନ୍ତୁ କୋର୍ଟ ପୋଲିସର ଏହି ଆବେଦନକୁ ଖାରଜ କରି ଉଭୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଗତ ୮ ଦିନ ଧରି ଉଭୟ ନ୍ୟାୟିକ ହାଜତରେ ଥିଲେ। ଏହି ମାମଲାର ଶୁଣାଣି ପାଇଁ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଏସଇଏମ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ମୁକ୍ତ କରିବା ସର୍ତ୍ତକୁ ଗ୍ରହଣ କରିଛନ୍ତି। ଅନ୍ୟ କୌଣସି ମାମଲାରେ ସେମାନଙ୍କୁ ହାଜତରେ ରଖିବାର ଆବଶ୍ୟକତା ନଥିଲେ, ତିହାର ଜେଲରୁ ମୁକ୍ତ କରାଯାଇପାରିବ। ଏହା ପୂର୍ବରୁ ନ୍ୟାୟିକ ହାଜତ ଅବଧି ବୃଦ୍ଧିକୁ ଚ୍ୟାଲେଞ୍ଜ କରି ସୌରଭ ଦାସ ଓ ଆଶୁତୋଷ ରାଙ୍କା ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଶୁଣାଣି ସମୟରେ ହାଇକୋର୍ଟ ଉଭୟଙ୍କୁ ଭର୍ତ୍ସନା କରିଥିଲେ। ମାଜିଷ୍ଟ୍ରେଟ୍ କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ସେମାନେ କାହିଁକି ସିଧାସଳଖ ହାଇକୋର୍ଟ ଆସିଲେ ବୋଲି ପ୍ରଶ୍ନ କରିଥିଲେ। ଆଇନରେ ଅପିଲ୍ ସମେତ ଅନ୍ୟ ବିକଳ୍ପ ବ୍ୟବସ୍ଥା ଥିବାବେଳେ ସମ୍ବିଧାନର ଧାରା ୨୨୬ ଅନୁଯାୟୀ ସିଧାସଳଖ ହାଇକୋର୍ଟକୁ ଆସିବାର କାରଣ କ'ଣ ବୋଲି କୋର୍ଟ ପଚାରିଥିଲେ। ଏହା ସହ ବଣ୍ଡ ସର୍ତ୍ତ ଉଲ୍ଲଂଘନ, ଜାମିନଦାରଙ୍କୁ ଖାରଜ କରିବା ଏବଂ ମାଜିଷ୍ଟ୍ରେଟଙ୍କ କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ପରେ ଉଭୟ ନିଜ ଆବେଦନ ପ୍ରତ୍ୟାହାର କରିଥିଲେ। ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କ ବିରୋଧରେ କନଟ୍ ପ୍ଲେସ୍ ଥାନାରେ ରୁଜୁ ଏଫ୍‌ଆଇଆରରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୨୨୩ଏ, ୩୩୨ ଓ ୬୧(୨) ଲାଗିଛି। ସେହିପରି ସଂସଦ ମାର୍ଗ ଥାନାରେ ରୁଜୁ ଅନ୍ୟ ଏକ ଏଫଆଇଆରରେ ଧାରା ୨୨୧, ୧୧୫(୨), ୧୩୨, ୧୨୧(୧) ଓ ୩(୫) ଲାଗିଛି। ଏହି ଧାରାଗୁଡ଼ିକ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା, ଆକ୍ରମଣ, ଆଇନଗତ ନିର୍ଦ୍ଦେଶ ଅବମାନନା ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ଅଭିଯୋଗ ସହ ଜଡ଼ିତ। ତେବେ ଜାମିନ ମିଳିବା ପରେ ଏହି ମାମଲାର ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଉପରେ ନଜର ରହିଛି।

## ଦିଲ୍ଲୀ ଏୟାରପୋର୍ଟରେ ୩ ଘଣ୍ଟା ଅଟକ ରହିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୧।୧୦ : ଦିଲ୍ଲୀ ବିମାନବନ୍ଦରରେ ଅଟକ ରହିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ । ବିଳମ୍ବିତ ରାତିରେ ଦିଲ୍ଲୀ ଏୟାରପୋର୍ଟରେ ପ୍ୟାରିସରୁ ଫେରୁଥିବା ବେଳେ ଭଗୱନ୍ତ ସିଂ ମାନଙ୍କୁ ୩ ଘଣ୍ଟା ଦିଲ୍ଲୀ ଏୟାରପୋର୍ଟରେ ଅଟକ ରଖାଯାଇଥିଲା । ଘଟଣାକୁ ଆମ୍ ଆଦମୀ ପାର୍ଟି ନିନ୍ଦା କରିବା ସହ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି। ଖବର ମୁତାବକ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ପ୍ୟାରିସ ଗସ୍ତ କରିଥିଲେ । ସେ ପ୍ୟାରିସରୁ ଫେରିଲା ବେଳେ ତାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ପ୍ରାୟ ତିନି ଘଣ୍ଟା ଧରି ଅଟକ ରଖାଯାଇଥିଲା ।

## ଠାକୁର ବିସର୍ଜନ ବେଳେ ଅଘଟଣ: ୩ ମୃତ, ୭ ଆହତ

ନୂଆଦିଲ୍ଲୀ,୨୧/୧୦ : ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାରେ ଦୁର୍ଗା ଠାକୁର ବିସର୍ଜନ ସମୟରେ ବଡ଼ ଦୁର୍ଘଟଣା । ଗୁଲରିହା ଥାନା ଅଞ୍ଚଳର ଜଙ୍ଗଲ ଅଯୋଧ୍ୟା ପ୍ରସାଦ ଚୌହାନ ଟେଲା ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରାକ୍ଟର- ଟ୍ରଲିରେ ଯାଉଥିବା ଲୋକେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ । ଫଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି । ଯାହାକି ୭ ଜଣ ଆହତ ହୋଇଛନ୍ତି । ସବୁ ଆହତଙ୍କୁ ଚିକିତ୍ସା ଲାଗି ଇଜଡମେଡ଼ିକାଲ କଲେଜ ନିଆଯାଇଛି । ଯେଉଁଠାରେ ତାଙ୍କର ଚିକିତ୍ସା ଚାଲୁଛି । ଘଟଣା ପରେ ମୃତକଙ୍କ ପରିବାରରେ ଦୁଃଖର ପାହାଡ଼ ଖସି ପଡ଼ିଛି । ସେହିଭଳି ଆହତଙ୍କ ପରିବାର ମେଡ଼ିକାଲ କଲେଜ୍ ଗେଟ୍ ନିକଟରେ ବସି ବିରୋଧ ପ୍ରଦର୍ଶନ କରିବାକୁ ଲାଗିଛନ୍ତି ।ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଲୋକେ ଦୁର୍ଗା ଠାକୁର ବିସର୍ଜନ କରିବାକୁ ଟ୍ରାକ୍ଟର- ଟ୍ରଲିରେ ଚଢି ଯାଉଥିଲେ । ଏହି ସମୟରେ ଜଙ୍ଗଲ ଅଯୋଧ୍ୟା ପ୍ରସାଦ ଚୌହାନ ଟେଲା ନିକଟରେ ଟ୍ରାକ୍ଟର- ଟ୍ରଲିରେ ଚଢିଥିବା ଲୋକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ । କରେଣ୍ଟ ଲାଗିବା ଫଳରେ କେତେକ ଲୋକ ଆହତ ହୋଇଥିଲେ । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚିତ୍କାର ଶୁଭିଥିଲା ।

## ରୁବିଓଙ୍କୁ ୨୬/୧୧ ଆକ୍ରମଣର ବାସ୍ତବତା ମନେ ପକାଇଲେ ଜୟଶଙ୍କର

ମୁମ୍ବାଇ,୨୧।୧୦: ଆମେରିକା ସହ ପାକିସ୍ତାନର ବଢୁଥିବା ସମ୍ପର୍କ ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏକ ଭିନ୍ନ କୂଟନୈତିକ ଉପାୟରେ ୱାସିଂଟନକୁ ଭାରତ ବିରୋଧୀ ଆତଙ୍କବାଦର ବାସ୍ତବତା ମନେ ପକାଇଛନ୍ତି। ମୁମ୍ବାଇର ତାଜ୍ ମହଲ ପ୍ୟାଲେସ୍ ହୋଟେଲରେ ୨୬/୧୧ ଆତଙ୍କବାଦୀ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଆସିଥିବା ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ସେ ଏହି ଆକ୍ରମଣର ପ୍ରତ୍ୟକ୍ଷ ସାକ୍ଷୀ ତଥା ହୋଟେଲର ସୁରକ୍ଷା ମୁଖ୍ୟ ସୁନୀଲ କୁଡିଆଡିଙ୍କ ସହ ପରିଚିତ କରାଇଥିଲେ। ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ହୋଇଥିବା ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଛଅ ଜଣ ଆମେରିକୀୟ ନାଗରିକ ମଧ୍ୟ ଥିଲେ। ଲସ୍କର-ଏ-ତୋଇବାର ଆତଙ୍କବାଦୀମାନେ ତାଜ୍ ହୋଟେଲ ସମେତ ମୁମ୍ବାଇର ଅନେକ ସ୍ଥାନରେ ଆକ୍ରମଣ କରିଥିଲେ। ତାଜ୍ ହୋଟେଲରେ ପ୍ରାୟ ୬୦ ଘଣ୍ଟା ଧରି ଆତଙ୍କବାଦୀଙ୍କ ଆତଙ୍କରାଜ ଚାଲିଥିଲା। ରୁବିଓ ୨୬/୧୧ ଆକ୍ରମଣର ମୃତକଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜୟଶଙ୍କର ତାଙ୍କୁ ସେତେବେଳେ ହୋଟେଲର ସୁରକ୍ଷା ଦାୟିତ୍ୱରେ ଥିବା ସୁନୀଲ କୁଡିଆଡିଙ୍କ ସହ ପରିଚିତ କରାଇଥିଲେ। ଆକ୍ରମଣ ସମୟରେ କୁଡିଆଡି ତାଜ୍ ହୋଟେଲ ଭିତରେ ଉପସ୍ଥିତ ଥିଲେ ଏବଂ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଆତଙ୍କବାଦୀମାନେ କିପରି ହୋଟେଲ ଭିତରକୁ ପ୍ରବେଶ କରିଥିଲେ ବୋଲି ରୁବିଓ ପଚାରିବାରୁ କୁଡିଆଡି କହିଥିଲେ ଯେ ସେମାନେ ରାତି ଅଧରେ ଆସି ରୋଷେଇ ଘର ବାଟେ ଷଷ୍ଠ ମହଲା ପର୍ଯ୍ୟନ୍ତ ଯାଇଥିଲେ। ରୋଷେଇ ଘରେ ମଧ୍ୟ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ସେ ତାଙ୍କୁ ଜଣାଇଥିଲେ।

## ସହିଦ ପୁଲିସକର୍ମୀଙ୍କ ପରିବାରକୁ ମିଳିବ ୨ କୋଟି ଟଙ୍କା : ରେବନ୍ତ ରେଡ୍ଡୀ



ତେଲେଙ୍ଗାନା,୨୧।୧୦: ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କର୍ତ୍ତବ୍ୟ ପାଳନ ସମୟରେ ସହିଦ ହୋଇଥିବା ପୁଲିସ କର୍ମଚାରୀଙ୍କ ପାଇଁ ୨ କୋଟି ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଜାତୀୟ ପୁଲିସ ସ୍ମାରକୀ ଦିବସ ପାଳନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ଘୋଷଣା କରିଛନ୍ତି। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ପୁଲିସ ବିଭାଗର ସମସ୍ତ ଖାଲି ପଦବୀ ୨୦୨୮ ସୁଦ୍ଧା ପୂରଣ କରାଯିବ। ସେ କହିଛନ୍ତି, ରାଜ୍ୟ ସରକାର ଆଇନ ଶୃଙ୍ଖଳା ବଜାୟ ରଖିବା ଉପରେ ପ୍ରାଥମିକତା ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଗୃହରକ୍ଷୀମାନଙ୍କ ପାଇଁ ଅନୁକମ୍ପା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଡିଏସପି ନିଯୁକ୍ତି ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୧୦ ଡିଏସପି ପଦବୀରେ ନିଯୁକ୍ତି ତେଲେଙ୍ଗାନାର ଇତିହାସରେ ଏକ ଅଭୂତପୂର୍ବ ପଦକ୍ଷେପ। ସେ ପୁଲିସ ଅଧିକାରୀମାନଙ୍କୁ ମହିଳା ଏବଂ ଶିଶୁମାନଙ୍କ ସହିତ ଜଡିତ ମାମଲାଗୁଡ଼ିକୁ ଅଧିକ ସମ୍ବେଦନଶୀଳତାର ସହିତ ପରିଚାଳନା କରିବାକୁ ଏବଂ ନ୍ୟାୟ ପ୍ରଦାନରେ ବିଳମ୍ବକୁ ଏଡାଇବାକୁ ନିବେଦନ କରିଛନ୍ତି। ଯୁବବର୍ଗଙ୍କୁ ନିଶାରୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ସେ ପୁଲିସକୁ ଅନୁରୋଧ କରିଛନ୍ତି। ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବା ଏବଂ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସରକାର ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ସାଉଦିରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୨୧।୧୦: ଢାକା ଏବଂ ରିୟାଦସ୍ଥିତ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀଙ୍କ ସୂଚନା ଅନୁଯାୟୀ, ସେପ୍ଟେମ୍ବର ମାସରେ ଜେଦ୍ଦାସ୍ଥିତ କନସୁଲେଟ୍ ଜେନେରାଲ୍ ସେହି ଅଞ୍ଚଳରେ ଥିବା ବାଂଲାଦେଶୀ ବନ୍ଦୀମାନଙ୍କ ବିଷୟରେ ସାଉଦି କର୍ତ୍ତୃପକ୍ଷଙ୍କ ନିକଟରୁ ତଥ୍ୟ ମାଗିଥିଲେ। ଜେଦ୍ଦାସ୍ଥିତ କନସୁଲେଟ୍ ଜେନେରାଲ୍‌ରେ କାର୍ଯ୍ୟରତ ଜଣେ ଅଧିକାରୀ କହିଛନ୍ତି, 'ସେମାନେ ଆମକୁ ଏକ ତାଲିକା ପଠାଇଥିଲେ ଯେଉଁଥିରେ ଦୁଇ ବାଂଲାଦେଶୀଙ୍କ ନାମ ଥିଲା, କିନ୍ତୁ ସେମାନଙ୍କ ବିରୋଧରେ ଦିଆଯାଇଥିବା ରାୟ (ଦଣ୍ଡାଦେଶ) ସମ୍ପର୍କରେ କୌଣସି ସୂଚନା ନଥିଲା।'ତାଲିକାରେ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ 'ବ୍ୟଭିଚାର' ଏବଂ ଅନ୍ୟ ଜଣଙ୍କ ବିରୁଦ୍ଧରେ 'ଆଇସିଟି' କୁ ଅଭିଯୋଗ କରାଯାଇଥିବା ଅପରାଧ ଭାବରେ ଉଲ୍ଲେଖ କରାଯାଇଥିଲା।' ତେବେ ସେହି ଦୁଇ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ପ୍ରକାଶ।

# ଅପ୍ରମାଣିତ ଅଭିଯୋଗ ଆଧାର: ଭାରତର ଭାବମୂର୍ତ୍ତି ଖରାପ କରିବା ଉଦ୍ୟମକୁ ବିରୋଧ




ନୂଆଦିଲ୍ଲୀ,୨୧।୧୦: ଅପ୍ରମାଣିତ ଅଭିଯୋଗ, ଅସମ୍ପୂର୍ଣ୍ଣ ପରିସଂଖ୍ୟାନ ଏବଂ ଭାରତ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ନଥିବା ରିପୋର୍ଟ ଆଧାରରେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଭାବମୂର୍ତ୍ତିକୁ ନକାରାତ୍ମକ ଭାବେ ଉପସ୍ଥାପନ କରିବା ଉଦ୍ୟମକୁ ଜାତିସଂଘରେ ଭାରତ ଦୃଢ଼ ବିରୋଧ କରିଛି। ମାନବାଧିକାର ପ୍ରସଙ୍ଗକୁ କୌଣସି ଦେଶ ଉପରେ ରାଜନୈତିକ ଚାପ ପକାଇବା କିମ୍ବା ନିର୍ଦ୍ଦିଷ୍ଟ ଦେଶକୁ ଚୟନ କରି ଟାର୍ଗେଟ୍ କରିବାର ମାଧ୍ୟମ କରାଯିବା ଉଚିତ ନୁହେଁ ବୋଲି ଭାରତ କହିଛି। ନ୍ୟୁୟର୍କସ୍ଥିତ ଜାତିସଂଘ ମହାସଭାର ତୃତୀୟ କମିଟିରେ ବଳପୂର୍ବକ ନିଖୋଜ ଘଟଣା ସମ୍ପର୍କିତ କାର୍ଯ୍ୟକାରୀ ଗୋଷ୍ଠୀର ପ୍ରସଙ୍ଗ ଉପରେ ଭାରତ ପକ୍ଷରୁ ବିବୃତି ରଖାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ଉପସଚିବ ବରଖା ତମ୍ରାକର ଭାରତର ପକ୍ଷ ରଖି କହିଥିଲେ ଯେ ଭାରତ ବିରୋଧରେ କୌଣସି ଅଭିଯୋଗ ନିରପେକ୍ଷତା ଓ ସ୍ୱଚ୍ଛତା ଆଧାରରେ ହେବା ଆବଶ୍ୟକ। ସ୍ପଷ୍ଟୀକରଣ ଦେବାକୁ ଭାରତ ପ୍ରସ୍ତୁତ ରିପୋର୍ଟରେ ଯାହା ଉଲ୍ଲେଖ ରହିଛି, ସେହି ତଥ୍ୟକୁ ଠିକ୍ ଭାବେ ଉପସ୍ଥାପନ କରିବାକୁ ସେ ଆହ୍ୱାନ କରିଥିଲେ। ନିର୍ଦ୍ଦିଷ୍ଟ ମାମଲା ସମ୍ପର୍କରେ ଉପଯୁକ୍ତ ଦସ୍ତାବିଜ୍ ଓ ପ୍ରମାଣ ଥିଲେ, ପ୍ରଚଳିତ ବ୍ୟବସ୍ଥା ଅନୁସାରେ ସେଗୁଡ଼ିକର ସ୍ପଷ୍ଟୀକରଣ ଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ କହିଥିଲେ। କିନ୍ତୁ ଅପ୍ରମାଣିତ ଦାବି, ଅସମ୍ପୂର୍ଣ୍ଣ ତଥ୍ୟ ଆଧାରରେ ଦେଶର ଭାବମୂର୍ତ୍ତି ଖରାପ କରିବା ଉଦ୍ୟମକୁ ଭାରତ ଗ୍ରହଣ କରିବ ନାହିଁ।

## ଟାଟା ଏସି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ



ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଖଲିଆପାଲି-ଲଛିପୁର ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା । ବାଇକ୍ ଆରୋହୀଙ୍କ ମୃତ୍ୟୁ, ଧାନ ବିଲରେ ଓଲଟିଲା ଟାଟା ଏସି । ଟାଟା ଏସି ଗାଡ଼ି ଏକ ବାଇକକୁ ଧକ୍କା ଦେବା ପରେ ରାସ୍ତାକଡ଼ ଧାନ ବିଲରେ ଓଲଟି ପଡ଼ିଲା । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ଖବର ପାଇ ଲଛିପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଖଲିଆପାଲି-ଲଛିପୁର ରାସ୍ତାରେ ଏକ ଟାଟା ଏସି ଗାଡ଼ି ଯାଉଥିବା ସମୟରେ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ହୋଇଥିଲା ଯେ, ଟାଟା ଏସି ଗାଡ଼ିଟି ରାସ୍ତାକଡ଼ରେ ଥିବା ଧାନ ବିଲ ମଧ୍ୟକୁ ଖସି ଓଲଟି ପଡ଼ିଥିଲା । ଅନ୍ୟପଟେ ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ । ପରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା । ଏହି ଖବର ପାଇବା ପରେ ଲଛିପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି । କେଉଁ ପରିସ୍ଥିତିରେ ଟାଟା ଏସି ଗାଡ଼ିଟି ବାଇକ୍ ?କୁ ଧକ୍କା ଦେଲା ଏବଂ ଏହି ଦୁର୍ଘଟଣା ପଛରେ କେଉଁ କାରଣ ରହିଛି, ସେନେଇ ପୋଲିସ ତଦନ୍ତ କରୁଛି ।

# ଘରର ତାଲା ଭାଙ୍ଗି ଅଳଙ୍କାର ଓ ନଗଦ ୬୦ ହଜାର ଚୋରି

ଜଳେଶ୍ୱର(ନିପ୍ର): ଜଳେଶ୍ୱର ଥାନା ସୁଗୋ ପଞ୍ଚାୟତ ବାଣିଦା ଗ୍ରାମରେ ଘରର ତାଲା ଭାଙ୍ଗି ନଗଦ ୬୦ ହଜାର ସମେତ ଅଳଙ୍କାର ଚୋରି କରିନେଲେ ଦୁର୍ବୃତ୍ତ। ସୂଚନା ମୁତାବକ ଗତ ୧୭ ତାରିଖରେ ବାଣିଦା ଗ୍ରାମର ପ୍ରଶାନ୍ତ ମହାନ୍ତିଙ୍କ ପରିବାର ସଦସ୍ୟ ଘରେ ନଥିବାର ସୁଯୋଗ ନେଇ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ଘରର ଗ୍ରୀଲ ଓ ତାଲା ଭାଙ୍ଗି ନଗଦ ୪୦ ହଜାର ସମେତ ଝିଅ ବାହାଘର ପାଇଁ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି । ସେହିପରି ୧୮ ତାରିଖ ରାତିରେ ସେହି ଘର ସମ୍ମୁଖରେ ଥିବା ସେହି ଗ୍ରାମର ଶାନ୍ତିଲତା ଦାସଙ୍କର ଚା'ପାନ ଦୋକାନରୁ ଦୁର୍ବୃତ୍ତମାନେ ଗ୍ୟାସ ସିଲିଣ୍ଡର, ଚୁଲା ସମେତ ବିକ୍ରି ପାଇଁ ରହିଥିବା ବିସ୍କୁଟ, ଚନାଚୁର ଏବଂ ଖୁଚୁରା ଟଙ୍କା ଚୋରି ହୋଇଥିବା ନେଇ ନାମ୍ପୋ ଫାଣ୍ଡିରେ ପୃଥକ ଭାବେ ଲିଖିତ ଅଭିଯୋଗ ହୋଇଛି। ତେବେ ନାମ୍ପୋ - ଅଲାଲପୁର ରାସ୍ତାରେ ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ଅସାମାଜିକ ବ୍ୟକ୍ତିମାନେ ଅଡ୍ଡା ଜମାଇବା ସହିତ ନିଶା ସେବନ କରୁଥିବା ଦେଖିବାକୁ ମିଳୁଛି । ତେବେ ପୋଲିସ ପାଟ୍ରୋଲିଙ୍ଗ ଆଦୌ ହେଉନଥିବାରୁ ଚୋର ଓ ଅସାମାଜିକ ବ୍ୟକ୍ତି ତଥା ଦୁର୍ବୃତ୍ତ ଙ୍କ ଦୌରାତ୍ମ୍ୟ ଦିନକୁଦିନ ବୃଦ୍ଧି ପାଉଛି ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି।

## ଅଜଣା ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆସିକା(ନିପ୍ର): ଆସିକା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୫୭ ସୁମନ୍ତପଲ୍ଲୀ ଛକଠାରେ ଅଜଣା ବାଇକ ଧକ୍କାର ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଦୁର୍ଘଟଣା ଗତକାଲି ସନ୍ଧ୍ୟା ପ୍ରାୟ ୭ ଘଣ୍ଟା ସମୟରେ ଘଟିଥିବା ବେଳେ ଘଟଣାରେ ମୃତକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ଶଙ୍କର ନାୟକଙ୍କ ପୁଅ ଦିପକ ନାୟକ(୨୨) ବୋଲି ଜଣାପଡିଛି । ସେ ନିଜ ସାଙ୍ଗର ବୁଲେଟ ଗାଡି ପଛପଟେ ବସି ଗାଙ୍ଗପୁର ଥାନା ଅନ୍ତର୍ଗତ ସାଦରା ଗ୍ରାମକୁ ଯାଉଥିଲା ବେଳେ ହଠାତ ଭଞ୍ଜନଗର ପଟୁ ଅତି ଦ୍ରୁତ ଓ ବେପରୁଆ ଭାବେ ଏକ ଅଜଣା ବାଇକ ର ଚାଳକ ଆସି ସୁମନ୍ତପଲ୍ଲୀ ଛକରେ ଧକ୍କା ଦେଇଥିଲା । ଏହି ଧକ୍କାରେ ଦୀପକ ଗୁରୁତର ଆହତ ହୋଇଥିଲେ । ପଛରେ ଆସୁଥିବା ତାଙ୍କ ସାଙ୍ଗମାନେ ଦୀପକଙ୍କୁ କୌଣସି ଉପାୟ ନପାଇ ଶେଷରେ ଆସିକା ଦେଇ ନିଜ ଘର ମନ୍ଦାରକୁ ନେଇଥିଲେ। ସେଠାରୁ ଏକ ଅଟୋ ଯୋଗେ ଗୁରୁତର ଅବସ୍ଥାରେ ତାଙ୍କୁ ପୋଲସରା ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ପୋଲସରା ମେଡିକାଲଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ମୃତ ଦୀପକଙ୍କ ବାପା ଶଙ୍କର ନାୟକ ଆସିକା ଥାନାରେ ଏକ ଅଭିଯୋଗ କରିଥିଲେ। ଏନେଇ ଆସିକା ଥାନା ପକ୍ଷରୁ କେସ ନମ୍ବର- ୬୩୦/୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ ବ୍ରହ୍ମପୁର ବଡ ମେଡିକାଲଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

## କଲେଜ ଛକ ନିକଟରେ ଅଗ୍ନିକାଣ୍ଡ



କଟକ(ନିପ୍ର): କଟକ କଲେଜ ଛକ ନିକଟରେ ଏକ ପରିତ୍ୟକ୍ତ ଗାଡ଼ିରେ ନିଆଁ ଲାଗିବାକୁ ନେଇ ଚର୍ଚ୍ଚା । ନିକଟରେ ଥିବା ଆବର୍ଜନା ଗଦାରେ ନିଆଁ ଲାଗିବା ପରେ ଏହା ପରିତ୍ୟକ୍ତ ଗାଡ଼ିକୁ ବ୍ୟାପିଥିବା ସନ୍ଦେହ କରାଯାଉଛି । ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଘଟଣା ସମ୍ପର୍କରେ ଖବର ପାଇବା ପରେ ଜୋବ୍ରା ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ରର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ କଟକ ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଟିମ୍ ମଧ୍ୟ ସେଠାରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ହୋଇଥିଲେ । ଆବର୍ଜନା ଗଦାରେ ନିଆଁ ଲାଗିବା ଯୋଗୁଁ ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏନେଇ ସବିଶେଷ ତଥ୍ୟ ମିଳିନାହିଁ । ଅନ୍ୟପଟେ, ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି ହୋଇନଥିବା କଟକ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପରିତ୍ୟକ୍ତ ଗାଡ଼ିଟି କେତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ। ଆବର୍ଜନା ଜମା କରାଯାଉଥିବା ସ୍ଥାନରେ ଅସାବଧାନତା ଯୋଗୁଁ ନିଆଁ ଲାଗିବା ଭଳି ଘଟଣାକୁ ଏଡ଼ାଇବା ପାଇଁ ସତର୍କତା ଅବଲମ୍ବନ ଜରୁରୀ ।

## ମେଢ଼ ଦେଖିବାକୁ ଯାଇଥିଲେ ପରିବାର ଲୋକେ, ଘରୁ ସୁନାଗହଣା ଓ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ସୁନ୍ଦରଗଡ: ଦଶହରା ମେଢ଼ ଦେଖିବାକୁ ଯାଇଥିଲେ ପରିବାର ଲୋକ। ଘରୁ ତାଲା ଭାଙ୍ଗି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ। ସୁନ୍ଦରଗଡ ଭସ୍ମା ଥାନା ଦେହୁରୀପଡ଼ା ଗ୍ରାମରେ ଏଭଳି ଲୁଟ୍ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ଭସ୍ମା ଥାନା ଅନ୍ତର୍ଗତ ଦେହୁରିପଡ଼ା ଗ୍ରାମର ହେମନ୍ତ ଗୁଖରଙ୍କ ଘରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ହେମନ୍ତ ଗୁଖରଙ୍କ ପରିବାର ଦଶହରା ମେଢ଼ ଦେଖିବା ପାଇଁ ଘରୁ ବାହାରକୁ ଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ଘରେ ଥିବା ସୁନା, ରୁପା ଗହଣା ଏବଂ ନଗଦ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଘଟଣା ସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରୁଛି।

## ଜମିଜମା ବିବାଦ : ଦାଦାର ତୀର ମାଡ଼ରେ ଝିଆରୀ ଗୁରୁତର

ରାଉରକେଲା: ଜମିଜମା ବିବାଦକୁ ନେଇ ଦାଦାର ତୀର ମାଡ଼ରେ ଝିଆରୀ ଗୁରୁତର। ରାଉରକେଲା ବନ୍ଧମୁଣ୍ଡା ଥାନା ଦଳପୋଷ ଗାଁରେ ଘଟିଛି ଘଟଣା । ଗୁରୁତର ଝିଆରୀ ଜଣକ ହେଲେ ରଜନୀ ଟପ୍ପୋ । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝିଆରୀ ରଜନୀ ଟପ୍ପୋ କିଛି ଦିନ ହେଲା ବାପ ଘର ଦଳପୋଷକୁ ଆସିଥିଲା । ଆଜି ଜମି ଜମା ବିବାଦ କୁ ନେଇ ଦୁଇ ପରିବାର ଭିତରେ ଲାଗିଥିଲା ଗଣ୍ଡଗୋଳ। ପରେ ଉତ୍ୟକ୍ତ ହୋଇ ଦାଦା ଲକ୍ଷ୍ମଣ ଓରାମ ତୀର ମାଡ଼ କରିଥିଲେ । ଝିଆରୀ ରଜନୀ ଟପ୍ପୋ ପେଟରେ ତୀର ବାଜିଥିଲା। ତୁରନ୍ତ ତାଙ୍କୁ ରାଉରକେଲା ସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପଟେ ଅଭିଯୁକ୍ତ ଦାଦା ଲକ୍ଷ୍ମଣ ଓରାମକୁ ବନ୍ଧମୁଣ୍ଡା ପୋଲିସ ଅଟକ ରଖି ଘଟଣାର ତଦନ୍ତ କରୁଛି ।

## ଗାଧୋଇବା ବେଳେ ବୁଡିଯାଇ ୨ ଭାଇ ମୃତ



ଜଳେଶ୍ୱର: ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ତଳଧଣ୍ଡା ଗାଁର ବୋଲି ଜଣାପଡିଛି। ଦୁଇ ଭାଇ ସୁବର୍ଣ୍ଣରେଖା ନଦୀରେ ଗାଧୋଇବା ସମୟରେ ଅସାବଧାନତାବଶତଃ ଗଭୀର ଜଳରେ ବୁଡ଼ିଯାଇଥିଲେ। ସେମାନେ ପାଣିରେ ବୁଡ଼ିଯାଇଥିବା ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ଚେଷ୍ଟା ପରେ ଉଭୟ ଭାଇଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ, ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଗୋଟିଏ ପରିବାରର ଦୁଇ ଭାଇଙ୍କ ଏପରି ଅକାଳ ମୃତ୍ୟୁ ଖବର ଗାଁରେ ଗଭୀର ଶୋକର ଛାୟା ଖେଳି ଯାଇଛି।

## ହୁ ହୁ ହୋଇ ଜଳିଗଲା ଟ୍ରକ, କାରଣ ଅସ୍ପଷ୍ଟ

କୋରାପୁଟ: ହୁ ହୁ ହୋଇ ଜଳିଗଲା ଟ୍ରକ । ଗତକାଲି ବିଳମ୍ବିତ ରାତିରେ କୋରାପୁଟ ସିମିଳିଗୁଡା ହାଟପଦା ନିକଟରେ ଟ୍ରକରେ ଲାଗିଲା ନିଆଁ । ଠିଆ ହୋଇଥିବା ଟ୍ରକରେ ନିଆଁ ଲାଗି ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । କେଉଁ କାରଣରୁ ଓ କିଭଳି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସିମିଳିଗୁଡ଼ା ହାଟପଦା ନିକଟରେ ଏକ ଟ୍ରକ ଠିଆ ହୋଇଥିଲା । ଗତକାଲି ବିଳମ୍ବିତ ରାତିରେ ହଠାତ୍ ଟ୍ରକଟିରେ ନିଆଁ ଲାଗିଯାଇଥିଲା । ଦେଖୁ ଦେଖୁ ନିଆଁର ପ୍ରକୋପ ବଢ଼ିବା ସହ ଟ୍ରକଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା । ନିଆଁର ଭୟାବହତା ଦେଖି ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଟ୍ରକରେ ନିଆଁ ଲାଗିଥିବା ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁ ଲିଭାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ତେବେ ସେତେବେଳକୁ ଟ୍ରକଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା ।

## ଲୁଣା ନଦୀରେ ବୁଡି ୩ ଯୁବକ ନିଖୋଜ ଘଟଣା, ସମସ୍ତଙ୍କ ମୃତଦେହ ଉଦ୍ଧାର

କେନ୍ଦ୍ରାପଡା: କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗହଗା ଗାଁର ୩ ଜଣ ଯୁବକ ଲୁଣା ନଦୀକୁ ଗାଧୋଇବାକୁ ଯାଇ ବୁଡି ଯାଇ ନିଖୋଜ ହୋଇଥିଲେ। ନଦୀରୁ ସମସ୍ତଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ମୃତ ଯୁବକ ମାନେ ହେଲେ ହିମାଂଶୁ ପରିଡା, ଆଶିଷ ଶତପଥୀ ଓ ସବ୍ୟସାଚୀ ସ୍ୱାଇଁ । ମୃତକଙ୍କ ମଧ୍ୟରୁ ଚିରଞ୍ଜିବୀ ପରିଡା ଜଣେ ବାଇକ୍ ମେକାନିକ ହୋଇଥିବା ବେଳେ ଅନ୍ୟ ଦୁଇଜଣ କଲେଜରେ ପାଠ ପଢୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ୫ ଜଣ ଯୁବକ ସାଙ୍ଗ ହୋଇ ଲୁଣା ନଦୀର ଦାନପୁର ବାଲିଘାଟରେ ଗାଧୋଇବାକୁ ଯାଇଥିଲେ। ନଦୀରେ ଅଳ୍ପ ପାଣି ଥିଲେ ସୁଦ୍ଧା ଚୋରା ବାଲିରେ ପାଦ ଫଶି ଯିବାରୁ ୩ ଜଣ ଯୁବକ ପାଣିରେ ବୁଡି ଯାଇଥିଲେ। ଅନ୍ୟ ଦୁଇଜଣ ଯୁବକ ଗାଁ ଲୋକଙ୍କୁ ଡାକି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇ ନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ବୁଡି ଯାଇଥିବା ଯୁବକଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ନଦୀ ଭିତରୁ ୩ ଯୁବକଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କୁସୁମୀ ନଦୀ ଘାଟରୁ ବାଇକ ଚୋରି ଅଭିଯୋଗ

ଖଣ୍ଡପଡ଼ା(ନି.ପ୍ର): ଖଣ୍ଡପଡ଼ା ଥାନା ଅଧୀନ ଗୁଣ୍ଠୁଣି ପଞ୍ଚାୟତ, ଅଁଳାମଡା ଗ୍ରାମର ପ୍ରଭାତ କୁମାର ଜେନାଙ୍କ ବାଇକଟିକୁ କେହି ଲୁଟେରା କୁସୁମୀ ନଦୀ ଘାଟର ଆନିକଟ ନିକଟରୁ ବୁଧବାର ସକାଳେ ଚୋରି କରି ନେଇଥିବା ନେଇ ସେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରଭାତ ବାଇକଟି ସେଠାରେ ରଖି କୁସୁମୀ ନଦୀକୁ ସ୍ନାନ କରିବାକୁ ଯାଇଥିଲେ। ନଦୀରେ ସ୍ନାନ ସାରି ଫେରି ଦେଖନ୍ତି ତ ତାଙ୍କ ବାଇକଟିକୁ କେହି ଚୋରିକରି ନେଇଛି। ତେବେ ବାଇକ ଚୋରି ସଂପର୍କରେ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ସେ ପଚାରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ବାଇକଟିର କୌଣସି ସନ୍ଧାନ ନ ମିଳିବା ପରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିବା ସୂଚନା ମିଳିଛି।

# ସରକାରୀ ମଦ ଦୋକାନ ବନ୍ଦ: ଚୋରାରେ ଯାହାକୁ ଯେତେ !

ସାଲେପୁର(ନିପ୍ର): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୁଜାକୁ ଶୃଙ୍ଖଳିତ କରିବା ପାଇଁ ୨୦ ଓ ୨୧ ତାରିଖ ଦୁଇଦିନ ପାଇଁ ଜିଲ୍ଲାର ସମସ୍ତ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନ ବନ୍ଦ କରିବାକୁ ବିଧିବଦ୍ଧ ଭାବେ ଇସ୍ତାହାର ପ୍ରକାଶ କଲେ କଟକ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲାର ସମସ୍ତ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନ ବନ୍ଦ ରହିଲା। ହେଲେ ଏହା ସୁଯୋଗ ନେବା ପାଇଁ କିଛି ଚୋରା ମଦ ବେପାରୀ ଓ ଅସମାଜିକ ବ୍ୟକ୍ତିମାନେ ୧୯ ତାରିଖରେ ସରକାରୀ ସୀକୃତିପ୍ରାପ୍ତ ମଦ ଦୋକାନରୁ ବିପୁଳ ପରିମାଣରେ ମଦ ନେଇ ନିଜ ପାଖରେ ମହଜୁଦ ରଖିଛନ୍ତି। ସାଲେପୁର ସହରରେ ଓ ଏହାର ଆଖପାଖ ଅଞ୍ଚଳ, କୁଳିଆ, ବୋଦାମୁଣ୍ଡାଇ, ରାଇସୁଙ୍ଗୁଡା, ମିର୍ଜାପୁର, ଭୀମଦାସପୁର, ଜପକୁଦ, ବ୍ୟାରେଜ ଛକ,ଶିଶୁଆ, ନାନ୍ଦୋଳଗଡା, ପାଗା, ଗୋପୀନାଥପୁର, ସୈରୀ ହାଟ ସମେତ ଅନେକ ସ୍ଥାନରେ ଚଢା ଦରରେ ମଦ ବିକ୍ରି ହେଉଛି।ଏଠି ପ୍ରଶ୍ନ ଉଠୁଛି ଜିଲ୍ଲାପାଳଙ୍କ ନିଷ୍ପତ୍ତି ଅନୁସାରେ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ମଦ ଦୋକାନ ବନ୍ଦ ରହିବ ହେଲେ ଚୋରା ମଦ ବେପାରୀ ଓ ଅସମାଜିକ ବ୍ୟକ୍ତିଙ୍କ ନିକଟରେ ବିପୁଳ ପରିମାଣର ମହଜୁଦ ଥିବା ମଦ କଣ ଅସଲି ନା ନକଲି ! ମଦ ଦୋକାନ ବନ୍ଦ ଥିବା ସମୟରେ ଖୋଲା ବଜାରରେ ବିକ୍ରି ହେଉଥିବା ମଦ ଯୋଗୁଁ ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ହେବେ। ଜିଲ୍ଲାପାଳଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହେଲେ ସାଲେପୁର ଓ ଆଖପାଖରେ ବିକ୍ରି ହେଉଥିବା ମଦ ଆସିଲା କେଉଁଠୁ ବୋଲି ପ୍ରଶ୍ନ ଉଠୁଛି। ସାଲେପୁର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସାଲେପୁର ବ୍ଲକ ଅଂଚଳରେ ଥିବା ସରକାରୀ ଠିପି ଖୋଲା ଓ ଠିପି ବନ୍ଦ ମଦ ଦେକାନର କିଣା ଓ ବିକ୍ରିର ରେକର୍ଡ ଯାଞ୍ଚ ଓ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଓ ୧୯ତାରିଖର ବ୍ୟାଙ୍କ କାରବାରକୁ ସାଲେପୁର ଅବକାରୀ ବିଭାଗ ଓ ସାଲେପୁର ପୋଲିସ ଛାନଭିନ କଲେ ସବୁ ସତ୍ୟାସତ୍ୟ ଜାଣି ପାରିବେ।

## ଜବରଦଖଲକାରୀଙ୍କ କବ୍‌ଜାରେ ମୂଲ୍ୟବାନ ସରକାରୀ ଜାଗା !

କଣ୍ଟିଲୋ(ନି.ପ୍ର): ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜାଗାକୁ ଏକାଧିକ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ବର୍ଷ ବର୍ଷ ଧରି ଅନଧିକାର ଭାବେ ଜବରଦଖଲ କରି ରଖିଥିବା ବେଳେ ଖଣ୍ଡପଡ଼ା ସହରର ୧୨ ନଂ ୱାର୍ଡ ଅଧୀନ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖସ୍ଥ



ମୁଖ୍ୟ ରାସ୍ତାର ଅପରପାର୍ଶ୍ୱରେ ଅବସ୍ଥିତ ଏକ ଫାର୍ମ ହାଉସ ମାଲିକ ଅନଧିକାର ଭାବେ ମୂଲ୍ୟବାନ ସରକାରୀ ଜାଗାକୁ ମାଡି ବସିଥିବା ନେଇ ଅଭିଯୋଗ ହେବା ପରେ ଖଣ୍ଡପଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଜାଗାର ମାପଚୁପ କାର୍ଯ୍ୟ ବୁଧବାର କରାଯାଇଥିବା ଜଣାପଡିଛି। ଖଣ୍ଡପଡ଼ା ସଦର ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜାଗା ମାପଚୁପ କରାଯାଇଥିବା ଜଣାପଡିଛି। ତେବେ ସରକାରୀ ଜାଗା ଚିହ୍ନଟ ପରେ ଉକ୍ତ ଜାଗାରୁ ତୁରନ୍ତ ସଂପୃକ୍ତ ଜବରଦଖଲକାରୀଙ୍କୁ ହଟାଇବା ସହ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଭସାଣି ଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ବନ୍ଦ

## ସମ୍ବେଦନଶୀଳ ଅଞ୍ଚଳ ଉପରେ ନଜର

କଟକ(ନିପ୍ର): ପବିତ୍ର ବିଜୟା ଦଶମୀ । ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ ଏବଂ ଅନ୍ୟାୟ ଉପରେ ନ୍ୟାୟର ବିଜୟର ପ୍ରତୀକ ଭାବେ ରାଜ୍ୟବ୍ୟାପୀ ଏହି ପର୍ବ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହେଉଛି । ଐତିହାସିକ ସହର କଟକ ସମେତ ସାରା ଓଡ଼ିଶାର ପୂଜା ମଣ୍ଡପଗୁଡ଼ିକରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି । ମା' ଦୁର୍ଗାଙ୍କ ଦଶଦିନିଆ ପୂଜା ଆରାଧନା ପରେ ଆଜି ମା'ଙ୍କ ମେଲାଣି ନେବାର ଶେଷ ଦିନ । ଜଗତଜନନୀ ମା'ଙ୍କ ଅନ୍ତିମ ଦର୍ଶନ ଓ ଆଶୀର୍ବାଦ ଭିକ୍ଷା କରିବା ପାଇଁ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳୁଛି । ସକାଳୁ ଜୟ ଦୁର୍ଗା ଧ୍ୱନୀ, ମନ୍ତ୍ରପାଠ ଓ ଘଣ୍ଟ-ଶଙ୍ଖର ନାଦରେ ଗଗନ-ପବନ ମୁଖରିତ ହୋଇଉଠିଛି । ମଣ୍ଡପ ଗୁଡ଼ିକରେ ମା'ଙ୍କ ସିନ୍ଦୂର ଖେଳ ଏବଂ ବିଶେଷ ପୂଜାର୍ଚ୍ଚନା କରାଯିବ । ଦଶମୀପୂଜା ଅବସରରେ ଆଜି ମାଆଙ୍କ ପାଖରେ ଦହି ପଖାଳ ଲାଗି କରାଯାଇଥିଲା। ମହିଷାସୁରକୁ ବଧ କରିବା ପରେ ମାଙ୍କ ଉଗ୍ରରୂପକୁ ଶାନ୍ତ କରିବା ପାଇଁ ଦହିପଖାଳ ଭୋଗ କରାଯିବାର ବିଧି ରହିଛି। ତେବେ ଗୁରୁବାର ଅନୁଷ୍ଠିତ ହେବ ମା' ଦୁର୍ଗାଙ୍କ ଭସାଣି ଯାତ୍ରା । ଶାନ୍ତି ଶୃଙ୍ଖଳାର ସହ ଭସାଣି ଯାତ୍ରା କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ପୋଲିସ ଡିଜି ବିନୟତୋଷ ମିଶ୍ର କହିଛନ୍ତି । ଶାନ୍ତି କମିଟି ଓ ପୂଜା କମିଟି ସହ ଆଲୋଚନା କରାଯାଇଛି । ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ତୀକ୍ଷ୍ଣ ନଜର ରହିଛି । ଡିଜେକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ବିବାଦ ଥିବା ସାହି ମାନଙ୍କ ମେଢ଼ ମଧ୍ୟରେ ଦୂରତା ରଖାଯାଇଥିବା କହିଛନ୍ତି ଡିଜିପି ।

### ଖଣି ବ୍ୟବସାୟୀ ରତିକାନ୍ତଙ୍କ ବଢ଼ିଲା ଅଡୁଆ

# ମନି ଲଣ୍ଡରିଂ ମାମଲାରେ ଇଡିର ସପ୍ଲିମେଣ୍ଟାରୀ ଚାର୍ଜସିଟ୍



ଭୁବନେଶ୍ୱର: ୩୪୧ କୋଟିରୁ ଅଧିକ ବେଆଇନ ଖଣି କାରବାର ଅଭିଯୋଗ ମାମଲାରେ ଖଣି ବ୍ୟବସାୟୀ ରତିକାନ୍ତ ରାଉତଙ୍କ ବିରୋଧରେ ଇଡିର ସପ୍ଲିମେଣ୍ଟାରୀ ଚାର୍ଜସିଟ୍ । ବେଆଇନ ଖଣି ଖନନ, ଖଣିଜ ଚୋରି, ଡକାୟତି ଓ ବିସ୍ଫୋରକ ସାମଗ୍ରୀ ଯୋଗାଣ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ଇଡିର ବଡ଼ ପଦକ୍ଷେପ। ଭୁବନେଶ୍ୱରର ଖଣି ବ୍ୟବସାୟୀ ରତିକାନ୍ତ ରାଉତଙ୍କ ବିରୋଧରେ ଇଡି ଗତ ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଚଗଖଇ କୋର୍ଟରେ ପ୍ରଥମ ସପ୍ଲିମେଣ୍ଟାରୀ ପ୍ରସିକ୍ୟୁସନ୍ କମ୍ପ୍ଲେଣ୍ଟ ବା ଅତିରିକ୍ତ ଅଭିଯୋଗ ପତ୍ର ଦାଖଲ କରିଛି। ଏହା ପୂର୍ବରୁ ଜୁଲାଇ ୭ ରେ ରତିକାନ୍ତଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ପୃଷ୍ଟି ଓ ଅନ୍ୟ ସହଯୋଗୀଙ୍କ ବିରୋଧରେ ମୂଳ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଇଡିର ସୂଚନା ଅନୁସାରେ, ରତିକାନ୍ତଙ୍କ ବିରୋଧରେ ଓଡ଼ିଶାର ବିଭିନ୍ନ ଥାନାରେ ମୋଟ ୨୭ଟି ଏଫଆଇଆର୍ ରୁଜୁ ହୋଇଛି । ଏଥିରେ ବେଆଇନ ପଥର ଖଣି ଖନନ, ଚୋରି, ଡକାୟତି ଓ ବିସ୍ଫୋରକ ସାମଗ୍ରୀ ଯୋଗାଣ ଭଳି ଗୁରୁତର ଅଭିଯୋଗ ରହିଛି । ଏହି ମାମଲାଗୁଡ଼ିକୁ ଆଧାର କରି ଇଡି ମନି ଲଣ୍ଡରିଂ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତକାରୀ ସଂସ୍ଥାର ଦାବି ଅନୁସାରେ, ରତିକାନ୍ତ ଓ ତାଙ୍କ ସହ ଜଡ଼ିତ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ୩୪୧ କୋଟି ଟଙ୍କାରୁ ଅଧିକ ଅପରାଧଜନିତ ଆୟ ସୃଷ୍ଟି ହୋଇଛି । ଢେଙ୍କାନାଳରେ ତାଙ୍କ ନାଁରେ ଲଘୁ ଖଣିଜ ଉତ୍ତୋଳନ ପାଇଁ ଲିଜ୍ ଥିଲେ ମଧ୍ୟ ଅନୁମୋଦିତ ସୀମାଠାରୁ ଅଧିକ ଖନନ କରାଯାଇଥିବା ଅଭିଯୋଗ ରହିଛି । ଏପରିକି ଲିଜ୍ ଅଞ୍ଚଳ ବାହାରେ ବେଆଇନ ଖନନ, ଅନୁମତି ବିନା ବିସ୍ଫୋରକ ବ୍ୟବହାର ଏବଂ ଖଣିଜ ପଦାର୍ଥ ଚୋରି ଓ ଅପମିଶ୍ରଣ ହୋଇଥିବା ଇଡି କହିଛି । ଏହି ଅଭିଯୋଗର ତଦନ୍ତ ପାଇଁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ସ ସେଣ୍ଟର ପକ୍ଷରୁ ଡ୍ରୋନ୍ ଓ ସାଟେଲାଇଟ୍ ସର୍ଭେ କରାଯାଇଥିଲା । ସର୍ଭେରୁ ଲିଜ୍ ଅଞ୍ଚଳ ମଧ୍ୟରେ ଧାର୍ଯ୍ୟ ପରିମାଣଠାରୁ ଅଧିକ ଖନନ ଏବଂ ଲିଜ୍ ସୀମା ବାହାରେ ୭ଟି ସ୍ଥାନରେ ଅନଧିକୃତ ଖନନ ହୋଇଥିବା ଜଣାପଡ଼ିଥିବା ଇଡି ଦର୍ଶାଇଛି । ବେଆଇନ କାରବାରରୁ ମିଳିଥିବା ଅର୍ଥକୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଓ ବ୍ୟବସାୟିକ ସଂସ୍ଥା ମାଧ୍ୟମରେ ନେଣଦେଣ କରାଯାଇଥିବା ଇଡି ଅଭିଯୋଗ କରିଛି । ମା' ତାରିଣୀ ଷ୍ଟୋନ୍ କ୍ରସର, ସାଇ ଶମ୍ଭୁ ଇନଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ ଓ ଆସ୍ୟୁରାନ୍ସ ମେଟାଲଏଡ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍ ଭଳି ସଂସ୍ଥାର ନାମ ତଦନ୍ତରେ ସାମ୍ନାକୁ ଆସିଛି । ରତିକାନ୍ତ, ତାଙ୍କ ପରିବାର ସଦସ୍ୟ ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ନାମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରଖି ଅପରାଧଜନିତ ଆୟକୁ ଲୁଚାଯାଇଥିବା ଇଡିର ଅଭିଯୋଗ । ଏହି ମାମଲାରେ ୨୦୨୫ ଜାନୁଆରୀ ୮ରେ ଇଡି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଗତ ଅଗଷ୍ଟ ୨୦ରେ ରତିକାନ୍ତଙ୍କୁ ଗିରଫ କରାଯାଇଥିଲା । ସ୍ୱତନ୍ତ୍ର କୋର୍ଟ ତାଙ୍କୁ ୫ ଦିନ ପାଇଁ ରିମାଣ୍ଡରେ ପଠାଇଥିଲେ । ଅଗଷ୍ଟ ୨୬ରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ସେପ୍ଟେମ୍ବର ୭ରେ ଇଡି ନୂଆ ପ୍ରମାଣ ଉପସ୍ଥାପନ ପରେ କୋର୍ଟ ପୁଣି ୪ ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ । ଏବେ ଅତିରିକ୍ତ ଅଭିଯୋଗପତ୍ର ଦାଖଲ ପରେ ମାମଲାର ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ିଛି ।

## ଋଷିକୁଲ୍ୟା ନଦୀପଠାରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଆସିକା ଋଷିକୁଲ୍ୟା ନଦୀ ସୁନାମ ସାହି ପଠାରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତ ବ୍ୟକ୍ତି ଜଣକ ଆସିକା ପୌରପରିଷଦ ୱାର୍ଡ ନମ୍ବର-୧୫ ତୋଟା ସାହିର ଭଗବାନ ଦାଶଙ୍କ ପୁଅ ଶିବରାମ ଦାଶ ବୋଲି ଜଣାପଡିଛି । ସେ ବୃତ୍ତିରେ ଜଣେ ରିକ୍ସା ଚାଳକ ହୋଇଥିବା ବେଳେ ଗତ ୧୫ ତାରିଖ ଠାରୁ ନିଖୋଜ ରହିଥିଲେ । ଏ ସଂକ୍ରାନ୍ତରେ ତାଙ୍କ ମାଆ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ୨୦ ତାରିଖରେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ନଦୀ ପଠାରେ ଶବ ପଡି ରହିଥିବା ଲୋକଲୋଚନକୁ ଆସିଥିଲା । ଏହାପରେ ପରିବାର ଲୋକଙ୍କ ସୂଚନା ଅନୁଯାୟୀ ଶିବରାମ ଦାଶ ବୋଲି ଜଣାପଡିଥିଲା । ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶିବରାମ ଦାଶର ଶବ ହସ୍ତାନ୍ତର କରାଯାଇଥିଲା । ଏନେଇ ଆସିକା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା । ଶିବରାମ ଦାଶ ଜଣେ ଗରିବ ଶ୍ରେଣୀର ଲୋକ ଥିଲେ । ତାଙ୍କର ପରିବାର ରୋଜଗାରିଆ ପୁଅକୁ ହରାଇବା ସହିତ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଆର୍‌.ବି.ଆଇ. ଆଞ୍ଚଳିକ ନିର୍ଦ୍ଦେଶକ ମୁଖ୍ୟମନ୍ତ୍ରୀଙ୍କ ସହ କଲେ ସାକ୍ଷାତ



ଭୁବନେଶ୍ୱର, ୨୧/୧୦(ନିପ୍ର): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ସିବି ମାଥ୍ୟୁଜ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ), ଓଡ଼ିଶା ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ତେବେ ଏହି ସାକ୍ଷାତ ସମୟରେ କେଉଁ ବିଷୟ ଉପରେ ଆଲୋଚନା ହୋଇଥିଲା, ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇନାହିଁ।

## ଏସୀୟ ପାରା କ୍ରୀଡ଼ାରେ ଶୀତଲ ଦେବୀ ଓ ପାୟଲ ନାଗଙ୍କୁ ରୌପ୍ୟ ପଦକ




ଭୁବନେଶ୍ୱର, ୨୧/୧୦(ନିପ୍ର): ଏସୀୟ ପାରା କ୍ରୀଡ଼ା ୨୦୨୬ର ମହିଳା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ପାରା ତୀରନ୍ଦାଜ ଶୀତଲ ଦେବୀ ଓ ଓଡ଼ିଶାର ପାୟଲ ନାଗଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ଜାପାନର ଆଇଚି-ନାଗୋୟାଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ ଖେଳାଳି ଏହି ସଫଳତା ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏହି ସଫଳତାକୁ ଭାରତ ଓ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଉଭୟ ଖେଳାଳିଙ୍କ ଦୃଢ଼ ସଂକଳ୍ପ, ଅଧ୍ୟବସାୟ, ସଂଘର୍ଷ ଓ ନାରୀଶକ୍ତିର ଏହା ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଉଭୟ ପଦକ ବିଜୟିନୀଙ୍କୁ ଭବିଷ୍ୟତରେ ଆହୁରି ସଫଳତା ହାସଲ କରିବା ପାଇଁ ଶୁଭକାମନା ଜଣାଇଛନ୍ତି। ଉଭୟଙ୍କ ଏହି ସଫଳତା ଦେଶ ଓ ରାଜ୍ୟର ଗୌରବ ବୃଦ୍ଧି କରିଛି ବୋଲି ସେ କହିଛନ୍ତି।

# ଦଶହରାରେ ଆମିଷ ବଜାରରେ ଭିଡ଼

## ପରିବା ଦରରେ ନିଆଁ; କାର୍ତ୍ତିକ ପୂର୍ବରୁ ଚିନ୍ତାରେ ଗ୍ରାହକ

**ଭୁବନେଶ୍ୱର, ୨୧/୧୦(ନିପ୍ର):** ଆମିଷ ବଜାରରେ ଅସମ୍ଭାଳ ଭିଡ଼ । ଦଶ'ରାରେ ହାଉଜାଉ ମାଛମାଂସ ପ୍ରେମୀ । ନବରାତ୍ରି ଥିବାରୁ ୧୦ ଦିନ ଅନେକଙ୍କ ପାଟିରେ ଆମିଷ ବାଜିନଥିଲା। ବୁଧବାର ଥିବାରୁ ଆମିଷ ବଜାରରେ ଜମିଥିଲା ଅସମ୍ଭାଳ ଭିଡ଼। ମାଛ, ଚିଙ୍ଗୁଡ଼ି, ଚିକେନ୍ ଓ ମଟନ୍ ଦୋକାନ ପାଖରେ ଗହଳି ଲାଗିଥିଲା। କିଏ ଘର ପାଇଁ ଭାକୁଡ଼ ମାଛ, କିଏ ବାଗ୍‌ଦା ଚିଙ୍ଗୁଡ଼ି, ପୁଣି କିଏ ଚିକେନ୍ ଓ ମଟନ୍ କିଣି ଘରକୁ ନେବାରେ ବ୍ୟସ୍ତ ଥିଲେ । ଆଜି ସକାଳୁ ଆମିଷ ମାର୍କେଟରେ ଲାଗିଥିଲା ଏମିତି ଗହଳି। ଗତ ୧୦ ଦିନ ବେପାର ମାନ୍ଦା ଥିଲା। ତେଣୁ ଆଜି ବ୍ୟବସାୟୀ ମାନେ ବେଶ୍ ଖୁସି ଥିଲେ। ଭାକୁଡ଼ କିଲୋ ୧୮୦ରୁ ୨୦୦ ଟଙ୍କା, ଚିଙ୍ଗୁଡ଼ି ୨୫୦ରୁ ୫୦୦ ଟଙ୍କା, ଚିକେନ୍ କେଜି ୨୬୦ ଟଙ୍କା ଓ ମଟନ୍ କିଲୋ ୮୦୦ରୁ ୮୫୦ ଟଙ୍କା ଥିଲା। ଦାମ୍‌କୁ ଖାତିର ନକରି ଗ୍ରାହକ ମାନେ ଘରକୁ ଆମିଷ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ପରିବା ବଜାରରେ ନିଆଁ । କାର୍ତ୍ତିକ ପୂର୍ବରୁ ହନ୍ତସନ୍ତ ଗ୍ରାହକ । ଆଉ ଦିନ କେଇଟା ପରେ ଆରମ୍ଭ ହୋଇଯିବ କାର୍ତ୍ତିକ ମାସ। କିନ୍ତୁ ତା ପୂର୍ବରୁ ପନିପରିବାରେ ହାତ ମାରି ହେଉନି। ଟମାଟୋ, କୁନ୍ଦୁରିକୁ ଛାଡ଼ି ସବୁ ପରିବା ଦର ୫୦ ଉପରେ। ପିଆଜ କିଲୋ ୬୦, ପୋଟଳ ୫୦, ଭେଣ୍ଡି ୫୦, ବିନ୍‌ସ ୮୦ରୁ ୧୦୦ ଟଙ୍କା, କାକୁଡ଼ି ୮୦, କ୍ୟାପ୍‌ସିକମ୍ ୭୦ ଟଙ୍କା ରହିଛି । ପଛକୁ ପଛ ବନ୍ୟା ଯୋଗୁଁ ପରିବା ଚାଷ ସବୁ ନଷ୍ଟ ହୋଇଥିବାରୁ ଦର ଆକାଶ ଛୁଆଁ ରହିଥିବା ବ୍ୟବସାୟୀ କହିଛନ୍ତି ।

## ରାବଣପୋଡ଼ି ପାଇଁ ଭୁବନେଶ୍ୱରର ୯ଟି ସ୍ଥାନକୁ ଅନୁମତି

**ଭୁବନେଶ୍ୱର, ୨୧/୧୦(ନିପ୍ର):** ବୁଧବାର ଥିଲା ବିଜୟା ଦଶମୀ। ମାହାମାୟାଙ୍କ ଅନ୍ତିମ ପର୍ବ । ସତ୍ୟ ଉପରେ ଅସତ୍ୟ, ଅଧର୍ମ ଉପରେ ଧର୍ମର ଜୟ । ଘଣ୍ଟ, ଘଣ୍ଟା ଓ ମନ୍ତ୍ର ଉଚ୍ଚାରଣରେ ମୁଖରିତ ପୂଜା ମଣ୍ଡପ । ରାବଣପୋଡ଼ି ପାଇଁ ଭୁବନେଶ୍ୱରର ୯ଟି ସ୍ଥାନକୁ ଅନୁମତି ମିଳିଥିଲା । ରାବଣପୋଡ଼ି କାର୍ଯ୍ୟକ୍ରମ ସମୟରେ ଯେପରି କୌଣସି ଅଘଟଣ ନ ଘଟେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଛି ।

## ମହାପ୍ରଭୁଙ୍କ ଦର୍ଶନ କଲେ ବଲିଉଡ ସୁପରଷ୍ଟାର ଗୋବିନ୍ଦା





**ପୁରୀ, ୨୧/୧୦(ନିପ୍ର):** ପବିତ୍ର ବିଜୟା ଦଶମୀରେ ମହାପ୍ରଭୁଙ୍କ ଦର୍ଶନ ସହ ସାନିଧ୍ୟ କଲେ ବଲିଉଡ ସୁପର ଷ୍ଟାର ଗୋବିନ୍ଦା । ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇ ବେଶ୍ ଭାବ ବିହ୍ୱଳ ହୋଇଛନ୍ତି ଗୋବିନ୍ଦା । ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ବ୍ୟାପକ ସ୍ୱାଗତ କରାଯାଇଥିଲା । ଜୟ ଜଗନ୍ନାଥ କହି ଭାବବିହ୍ୱଳ ହେବାସହ ମହାପ୍ରଭୁଙ୍କୁ ସର୍ବଦା ମାନି ଆସିଛି ବୋଲି ପ୍ରତିକ୍ରିୟା ରଖିଛନ୍ତି। ମହାପ୍ରଭୁଙ୍କ ପାଖରେ ଥିବା ବିଶ୍ୱାସ ମତେ ବାରମ୍ବାର ଟାଣି ଆଣୁଛି ବୋଲି ସେ କହିଛନ୍ତି। ବିଜୟା ଦଶମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନ ସୌଭାଗ୍ୟ ଥିଲେ ମିଳେ ବୋଲି କହିବା ସହ ସେ ସୁନାବେଶର ଦିବ୍ୟ ଦର୍ଶନ ତାଙ୍କ ପାଇଁ ପ୍ରଥମ ବୋଲି ସେ କହିଥିଲେ । ତେବେ ଆଗାମୀ ଦିନରେ ପୁଣି ମହାପ୍ରଭୁଙ୍କ ଡୋରି ଲାଗିଲେ ପୁରୀ ଆସିବି। ମହାପ୍ରଭୁଙ୍କୁ ପାଖରେ ସର୍ବଦା ବିଶ୍ୱାସ କରିବା ସହ ମାନି ଆସୁଥିବି ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ । ପ୍ରାୟ ଅଧା ଘଣ୍ଟାର ଦର୍ଶନ ମଧ୍ୟରେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ସହ,ପାର୍ଶ୍ୱ ଦେବାଦେବୀ, ମା ଲକ୍ଷ୍ମୀଙ୍କ ମନ୍ଦିର ଦର୍ଶନ ସାନିଧ୍ୟ ମତେ ନେଇଥିଲେ ।

# 'ନେସ୍ଲେ ଇଣ୍ଡିଆ'କୁ ଏଫଏସଏସଏଆଇର ନୋଟିସ୍

## 'ହ୍ୱେ ପ୍ରୋଟିନ୍' ସହଜରେ ହଜମ ନେଇ ପ୍ରମାଣ ଦିଅ




ନୂଆଦିଲ୍ଲୀ, ୨୧।୧୦: 'ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ' (ଏଫଏସଏସଏଆଇ) ବୁଧବାର 'ନେସ୍ଲେ ଇଣ୍ଡିଆ' କୁ ଏକ ନୋଟିସ୍ ଜାରି କରିଛି। ଏହି ନୋଟିସ୍ କମ୍ପାନୀର 'ଲାକ୍ଟୋଜେନ୍ ପ୍ରୋ ୧ ପାଉଡର' ସମ୍ବନ୍ଧୀୟ ଦାବିକୁ ନେଇ ଦିଆଯାଇଛି। ଏଥିରେ କମ୍ପାନୀକୁ ଏପରି ବୈଜ୍ଞାନିକ ପ୍ରମାଣ ଦେବାକୁ କୁହାଯାଇଛି, ଯାହା ସ୍ପଷ୍ଟ କରିବ ଯେ ଉକ୍ତ ଉତ୍ପାଦରେ ଥିବା 'ହ୍ୱେ ପ୍ରୋଟିନ୍' ସହଜରେ ହଜମ ହୋଇପାରେ। ନିୟାମକ ସଂସ୍ଥା ଅନୁଯାୟୀ, ଏହି ଦାବି ଉତ୍ପାଦର ପ୍ୟାକେଜିଂ କିମ୍ବା ବିଜ୍ଞାପନ ସାମଗ୍ରୀରେ ଦେଖିବାକୁ ମିଳିଥିଲା। ଏଫଏସଏସଏଆଇ କହିଛି ଯେ, କମ୍ପାନୀକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବୈଜ୍ଞାନିକ ପ୍ରମାଣ ତଥା ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଏବଂ ସହାୟକ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, 'ଏଫଏସଏସଏଆଇ ପକ୍ଷରୁ 'ଲାକ୍ଟୋଜେନ୍ ପ୍ରୋ ୧ ପାଉଡର, 'ନାନ୍ ଏକ୍ସେଲା ପ୍ରୋ ଷ୍ଟେଜ୍ ୧' ଏବଂ ଶିଶୁଙ୍କ ପାଇଁ ଦୁଗ୍ଧ ବିକଳ୍ପ ଭଳି ଉତ୍ପାଦଗୁଡ଼ିକ ସମ୍ବନ୍ଧରେ ବିଭ୍ରାନ୍ତକର ଦାବି ଏବଂ ନିୟମ ବିରୋଧୀ ପ୍ରଚାରକୁ ନେଇ ଖାଦ୍ୟ ବ୍ୟବସାୟ ପରିଚାଳକମାନଙ୍କୁ ନୋଟିସ୍ ଜାରି କରାଯାଇଛି।'

# ରେଢ଼ାଖୋଲରେ ରାବଣ ପୋଡ଼ି

ରେଢ଼ାଖୋଲ, ୨୧/୧୦(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର କଦମ୍ବ ପଡ଼ିଆ ଠାରେ ମଙ୍ଗଳବାର ସନ୍ଧ୍ୟାରେ ୧୦ମ ରାବଣ ପୋଡି ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଆବାହକ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ କମିଟିର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରମାକାନ୍ତ ମହାନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଞ୍ଚକୁ 'ରମାକାନ୍ତ ମଣ୍ଡପ' ନାମରେ ନାମିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉପ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ରାବଣ ପୋଡି ଆମକୁ ଶିଖାଏ ଯେ ଅହଙ୍କାର ଯେତେ ବଡ଼ ହେଲେ ମଧ୍ୟ ସତ୍ୟ ଓ ଧର୍ମ ସମ୍ମୁଖରେ ତାର ପତନ ନିଶ୍ଚିତ। ଆଜିର ସମାଜରେ ଅହଙ୍କାର, ହିଂସା ଓ ଅସତ୍ୟ ରୂପୀ ରାବଣକୁ ଦହନ କରି ପ୍ରେମ, ଶାନ୍ତି ଓ ସତ୍ୟର ପ୍ରତିଷ୍ଠା କରିବାର ସମୟ ଆସିଛି।

## ପ୍ରାୟ ୩ କୋଟି ଟଙ୍କାର ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ,୩ ଗିରଫ

**ଭୁବନେଶ୍ୱର,୨୧।୧୦(ନିପ୍ର):** ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ପ୍ରାୟ ୮.୩୪୯ କିଲୋଗ୍ରାମ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨.୯୨ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତିନି ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।ନିର୍ଦ୍ଦିଷ୍ଟ ଗୁପ୍ତଚର ସୂଚନା ଆଧାରରେ, ଉଜଓ ଅଧିକାରୀମାନେ କଷ୍ଟମ୍ସ ବିଭାଗ ସହ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉକ୍ତ ତିନି ଯାତ୍ରୀଙ୍କୁ ଅଟକାଇଥିଲେ ଏବଂ ସେମାନଙ୍କ ଲଗେଜ୍ ମଧ୍ୟରୁ ଏହି ନିଷିଦ୍ଧ ସାମଗ୍ରୀ ଜବତ କରିଥିଲେ। ସୂତ୍ରରୁ ପ୍ରକାଶ ଯେ, ଏହି ଯାତ୍ରୀମାନେ ପଶ୍ଚିମବଙ୍ଗର କୋଲକାତା ଅଞ୍ଚଳର ବାସିନ୍ଦା। ସେମାନେ ବ୍ୟାଙ୍କକରୁ ଇଣ୍ଡିଗୋ ବିମାନ ୬ଇ-୧୦୬୬ ଯୋଗେ ଆସିଥିଲେ, ଯାହା ୨୦ ଅକ୍ଟୋବର ୨୦୨୬ ସକାଳ ପ୍ରାୟ ୫.୧୫ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା।

## ହୃଦ୍‌ଘାତରେ ଚାଲିଗଲେ ବରିଷ୍ଠ ସାମ୍ବାଦିକ ବିଭୂତି ପତି



ଭୁବନେଶ୍ୱର, ୨୧/୧୦: ଆଉ ନାହାନ୍ତି ଓଡ଼ିଶା ମିଡିଆ ଜଗତର ବରିଷ୍ଠ ସାମ୍ବାଦିକ ବିଭୂତି ପତି। ଆଜି କଟକ ସ୍ଥିତ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ଗଣମାଧ୍ୟମ ପାଇଁ କାର୍ଯ୍ୟ କରିଥିବା ବିଭୂତି ପତି ସକାଳେ ଗୋଟିଏ ଘରୋଇ ଗାଡ଼ିରେ ଭୁବନେଶ୍ୱରରୁ କଟକ ସିଡିଏ-୧୦ ସ୍ଥିତ ନିଜ ଘରକୁ ଆସୁଥିଲେ। କିନ୍ତୁ ଅଧା ରାସ୍ତାରେ ହଠାତ୍ ସେ ଛାତିରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଏସସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା ବି କରିଥିଲେ। ସେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀ ପତି ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହେଇଥିଲା। ହୃଦଘାତ ଯୋଗୁ ଶ୍ରୀ ପତିଙ୍କ ଦେହାନ୍ତ ହୋଇଥିବା ଡାକ୍ତରମାନେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଓଟିଭି ପାଇଁ ଦିଲ୍ଲୀରେ ରିପୋର୍ଟିଂ କରୁଥିବା ବିଭୂତି ପତି ଏକାଧିକ ଗଣମାଧ୍ୟମ ପାଇଁ କାର୍ଯ୍ୟ କରିଛନ୍ତି। ତାଙ୍କର ଅକାଳ ବିୟୋଗ ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏବେ ତାଙ୍କ ପତ୍ନୀ ଓ ଏକ ମାତ୍ର ପୁତ୍ର ବେସାହାରା ହୋଇଯାଇଛନ୍ତି।

## ଆଗ୍ରିଭୋଲ୍ଟାଇକ୍ସ ବିଶ୍ୱ ସମ୍ମିଳନୀ ଆୟୋଜନ କଲା ଭାରତ



**ନୂଆଦିଲ୍ଲୀ, ୨୧/୧୦(ପିଆଇବି):** ନବସୃଜନ ଭିତ୍ତିକ କୃଷି-ସୌରଶକ୍ତି ମାଧ୍ୟମରେ ଅନ୍ନଦାତାଙ୍କୁ ଶକ୍ତିଦାତାରେ ପରିଣତ କରିବାକୁ ଆହ୍ୱାନ ଆଗ୍ରିଭୋଲ୍ଟାଇକ୍ସ ବିଶ୍ୱ ସମ୍ମିଳନୀ ୨୦୨୬ର ସପ୍ତମ ସଂସ୍କରଣ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଛି। ଏହା କୃଷି ଓ ଅକ୍ଷୟ ଶକ୍ତିର ସମନ୍ୱୟ ଦିଗରେ ଭାରତର ପ୍ରୟାସକୁ ଏକ ନୂତନ ମାଇଲଖୁଣ୍ଟ ପ୍ରଦାନ କରିଛି। ପ୍ରଥମ ଥର ପାଇଁ ଗ୍ଲୋବାଲ୍ ସାଉଥ୍‌ରେ ଭାରତ ଏହି ପ୍ରମୁଖ ବିଶ୍ୱସ୍ତରୀୟ ସମ୍ମିଳନୀର ଆୟୋଜନ କରୁଛି। ଏହା ବିଶ୍ୱ ଖାଦ୍ୟ ସୁରକ୍ଷା, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ସ୍ଥାୟୀ ବିକାଶକୁ ଏକକାଳୀନ ଆଗେଇ ନେବା ଦିଗରେ ଭାରତର ବର୍ଦ୍ଧିତ ନେତୃତ୍ୱକୁ ଦୃଢ଼ ଭାବେ ପ୍ରତିପାଦିତ କରୁଛି। ଏହି ତିନିଦିନିଆ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀକୁ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଆୟୋଜନ କରୁଛି। ଜର୍ମାନୀର ପରିବେଶ, ଜଳବାୟୁ କାର୍ଯ୍ୟାନୁଷ୍ଠାନ, ପ୍ରକୃତି ସଂରକ୍ଷଣ ଓ ଆଣବିକ ସୁରକ୍ଷା ମନ୍ତ୍ରଣାଳୟ ଏଥିରେ ସହଯୋଗ କରୁଥିବା ବେଳେ କନେକ୍ସିଓ-ପିଏସ୍‌ଇ ସହଭାଗିତାରେ ଏହା ଆୟୋଜିତ ହେଉଛି। 'ବିଶ୍ୱ ଦକ୍ଷିଣକୁ ଶକ୍ତି ଯୋଗାଣ' ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଶକ୍ତିରୁ ସଶକ୍ତୀକରଣ' ମୌଳିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ସେ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ କୃଷି କ୍ଷେତ୍ରର ପାରମ୍ପରିକ ଧାରାକୁ ନୂଆ ରୂପ ଦେଉଛି। ଏହାଦ୍ୱାରା କୃଷକମାନେ କେବଳ ଖାଦ୍ୟ ଉତ୍ପାଦକ 'ଅନ୍ନଦାତା' ଭାବେ ସୀମିତ ନରହି ସ୍ୱଚ୍ଛ ଶକ୍ତି ଉତ୍ପାଦନକାରୀ 'ଉର୍ଜାଦାତା' ଭାବେ ଉଭା ହେବାର ସୁଯୋଗ ପାଉଛନ୍ତି।



ଭୁବନେଶ୍ୱର: ମା'ଙ୍କ ବିସର୍ଜନ ପୂର୍ବରୁ ମହିଳାମାନେ ପରସ୍ପର ସିନ୍ଦୂର ଖେଳ ଖେଳୁଛନ୍ତି (ଫଟୋ-ଦିନଲିପି)

# ପାନୀୟ ଜଳର ଗୁଣବତ୍ତା ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, ୨୧/୧୦(ପିଆଇବି): ରେଳ ଷ୍ଟେସନ ଓ ଅନ୍ୟାନ୍ୟ ରେଳ ପରିସରରେ ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନିୟମିତ ଜଳର ଗୁଣବତ୍ତା ଯାଞ୍ଚ ଓ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ୨୫ ସେପ୍ଟେମ୍ବରରୁ ୧୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଜଳର ଗୁଣବତ୍ତା ଯାଞ୍ଚ ଅଭିଯାନରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା ତିନୋଟି ଯାକ ମଣ୍ଡଳରେ ବ୍ୟାପକ ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନରେ ଅବଶିଷ୍ଟ କ୍ଲୋରିନ୍‌ର ମାତ୍ରା, ଜୀବାଣୁ ସମ୍ବନ୍ଧୀୟ ମାନଦଣ୍ଡ ଏବଂ ଜଳର ରାସାୟନିକ ଉପାଦାନ ପରୀକ୍ଷଣ କରାଯାଇ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ ପାଳନ ସୁନିଶ୍ଚିତ କରାଯାଇଥିଲା। ଏହି ଅବଧି ମଧ୍ୟରେ ତିନୋଟି ମଣ୍ଡଳରେ ମୋଟ



୧,୨୩୦ଟି ଅବଶିଷ୍ଟ କ୍ଲୋରିନ୍ ପରୀକ୍ଷଣ କରାଯାଇଥିଲା। ଏହି ଅବଧି ମଧ୍ୟରେ, ତିନୋଟିଯାକ ବିଭାଗରେ ମୋଟ ୧,୨୩୦ ଟି 'ରେସିଡୁଆଲ୍ କ୍ଲୋରିନ୍' ପରୀକ୍ଷା କରାଯାଇଥିଲା ଏବଂ ଏହାର ଫଳାଫଳ ସନ୍ତୋଷଜନକ ତଥା ନିର୍ଦ୍ଧାରିତ ମାନଦଣ୍ଡ ଅନୁରୂପ ରହିଥିଲା। ସେହିପରି, ଏହି ଅଭିଯାନରେ ପୂର୍ବ ତଟ ରେଳପଥ ପକ୍ଷରୁ ମୋଟ ୧୩୩ଟି ଜୀବାଣୁ ସମ୍ବନ୍ଧୀୟ ପରୀକ୍ଷଣ କରାଯାଇଥିଲା। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୬୫ଟି, ସମ୍ବଲପୁର ମଣ୍ଡଳରେ ୪୩ଟି ଏବଂ ରାୟଗଡ଼ା ମଣ୍ଡଳରେ ୨୫ଟି ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ନମୁନାର ଫଳାଫଳ ସନ୍ତୋଷଜନକ ରହିଥିଲା ଏବଂ କୌଣସି ନମୁନାରେ ଜୀବାଣୁ ସମ୍ବନ୍ଧୀୟ ଅସନ୍ତୋଷଜନକ ଫଳାଫଳ ମିଳିନଥିଲା। ଏହା ବ୍ୟତୀତ, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ମଣ୍ଡଳରେ ମୋଟ ୨୮ଟି ରାସାୟନିକ ବିଶ୍ଳେଷଣ ପରୀକ୍ଷଣ କରାଯାଇଥିଲା।

# ସିଜେପିକୁ ନବୀନଙ୍କ ସମର୍ଥନ ପ୍ରସଙ୍ଗ, ବିଜେଡି ଦିଗହରା: ମନମୋହନ

## ଅନ୍ତଃରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ ରାଜ୍ୟବାସୀ ଗ୍ରହଣ କରିବେନି



**ଭୁବନେଶ୍ୱର, ୨୧।୧୦(ନିପ୍ର):** ସିଜେପିକୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମର୍ଥନ ପ୍ରସଙ୍ଗକୁ ନେଇ ତାଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବିଜେଡି ଏବେ ଦିଗହରା ଓ ଦିଶାହୀନ ହୋଇ ପଡ଼ିଥିବା ବେଳେ ଦଳର ନେତାଙ୍କ ବିଚାର ବିଭ୍ରାଟ ହୋଇଛି ବୋଲି ସେ କହିଛନ୍ତି। ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ କରିବାକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ ବୋଲି ମନମୋହନ କହିଛନ୍ତି। ମନମୋହନ କହିଛନ୍ତି ଯେ ବିଜେଡି ନେତାମାନେ ଆଜି ଗୋଟିଏ କଥା କହୁଥିବା ବେଳେ କାଲି ଅନ୍ୟ କଥା କହୁଛନ୍ତି। ସେମାନେ କାହା ସହ ରହିବେ, ତାହା ସ୍ପଷ୍ଟ କରିବା ଉଚିତ। ପୂର୍ବରୁ ସମଦୂରତା କଥା କହୁଥିବା ବିଜେଡି କେତେବେଳେ ମେଣ୍ଟ ସହ ସାମିଲ ହେଉଛି, ତ ଆଉ କେତେବେଳେ ସେମାନଙ୍କ ଆହ୍ୱାନକୁ ବିରୋଧ କରୁଛି। ଦଳର ନେତାମାନେ କେଉଁ ପ୍ରସଙ୍ଗ ଉଠାଇବେ, ତାହା ନିଜେ ଜାଣିପାରୁନାହାନ୍ତି ବୋଲି ସେ କଟାକ୍ଷ କରିଛନ୍ତି। ନବୀନ ପଟ୍ଟନାୟକ କେଉଁ ଉଦ୍ଦେଶ୍ୟରେ ସମର୍ଥନ ଦେଉଛନ୍ତି, ତାହା ସେ ନିଜେ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ମନମୋହନ କହିଛନ୍ତି। କିଛି ଆତ୍ମଘୋଷିତ ନେତା ଦେଶର ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ୧୯୬୫ ଓ ୧୯୭୧ ମସିହାର ଯୁଦ୍ଧ ହେଉ କିମ୍ବା ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ ଷ୍ଟ୍ରାଇକ୍, ଦେଶର ସୁରକ୍ଷା ପ୍ରସଙ୍ଗରେ ୧୪୦ କୋଟି ଭାରତୀୟ ଏକଜୁଟ ହୋଇଛନ୍ତି। ଚୀନ ଓ ପାକିସ୍ତାନ ସପକ୍ଷରେ ମତ ରଖୁଥିବା ଏବଂ ଦେଶ ବିରୋଧୀ କାର୍ଯ୍ୟକୁ ସମର୍ଥନ କରୁଥିବା ଲୋକଙ୍କୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ମନମୋହନ ଆହୁରି କହିଛନ୍ତି ଯେ ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ କରିବା ଉଚିତ ନୁହେଁ। ଜନସାଧାରଣ ସବୁକିଛି ଦେଖୁଛନ୍ତି ଏବଂରାଜନୈତିକ ଦଳ ଓ ନେତାଙ୍କ ଆଭିମୁଖ୍ୟକୁ ପରଖୁଛନ୍ତି। ଉପଯୁକ୍ତ ସମୟରେ ଲୋକେ ଏହାର ଜବାବ ଦେବେବୋଲି ସେ କହିଛନ୍ତି।

ଚିତ୍ତରଞ୍ଜନ ସେବା ସଦନ
ନିଆଳି, କଟକ
ESI ଓ GIC ଅନୁମୋଦିତ ଚିକିତ୍ସା ପରାମର୍ଶ ବିଭାଗ
ଅନ୍ୟାନ୍ୟ ସୁବିଧା
TVS, Breast, TIFA, NT, Testis, Glands, Muscle, Tissue, Joints and Eye etc.
Website
Instagram
Facebook
Google

# ୧୦ କୋଟି ଖର୍ଚ୍ଚ ପରେ ବି ଧାମନଗରକୁ ଘାଇ ଭୟ !

**ଧାମନଗର, ୨୧/୧୦(ନିପ୍ର):** କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଧାମନଗରକୁ ଘାଇ ଓ ବନ୍ୟା ଭୟରୁ ମୁକ୍ତି ମିଳୁନାହିଁ। ବୈତରଣୀର ଶାଖାନଦୀ କାଣୀ ନଦୀରେ ଘାଇ ମରାମତି ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିବା ବେଳେ ପୁନର୍ବାର ଘାଇ ସୃଷ୍ଟି ହେବା ଘଟଣା ଜଳସମ୍ପଦ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଘାଇର ସ୍ଥାୟୀ ପ୍ରତିକାର ପରିବର୍ତ୍ତେ କାଣୀ ନଦୀକୁ ବନ୍ଦ କରିବା ଉଦ୍ୟମ ନେଇ ଚର୍ଚ୍ଚା ଆରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ଚଳିତବର୍ଷ କାଣୀ ନଦୀରେ ଘାଇ ଯୋଗୁଁ ବନ୍ୟାଜଳ ଚାଷଜମିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଅଭିଯୋଗ ହୋଇଛି। ଘାଇ ମରାମତି ପାଇଁ ତିନିଥର ଉଦ୍ୟମ ସତ୍ତ୍ୱେ



ସମସ୍ୟାର ସ୍ଥାୟୀ ସମାଧାନ ନହେବାରୁ ଚାଷୀଙ୍କ ଦୁର୍ଦ୍ଦଶା ଜାରି ରହିଛି। ଏତେ ଅର୍ଥ ବ୍ୟୟ ପରେ ମଧ୍ୟ ଘାଇ ସମସ୍ୟା କାହିଁକି ଦୂର ହୋଇପାରିଲା ନାହିଁ, ମରାମତି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ହୋଇଥିଲା କି ନାହିଁ ଏବଂ ବ୍ୟୟ ଅର୍ଥର ବିନିଯୋଗ କିପରି ହୋଇଛି, ତାହାର ସ୍ପଷ୍ଟୀକରଣ ଦାବି ହେଉଛି। କାଣୀ ନଦୀକୁ ବନ୍ଦ କରିବା ଭଳି ପଦକ୍ଷେପ ନେବା ପୂର୍ବରୁ ଏହାର ବୈଷୟିକ ଓ ବୈଜ୍ଞାନିକ ଦିଗର ସମୀକ୍ଷା ଜରୁରୀ ଥିଲା। ନଦୀର ଜଳ ପ୍ରବାହ ପରିବର୍ତ୍ତନ ହେଲେ ଜଳ ନିଷ୍କାସନ, ଚାଷଜମି ଓ ଆଖପାଖ ଅଞ୍ଚଳର ସୁରକ୍ଷା ଉପରେ କି ପ୍ରଭାବ ପଡ଼ିବ, ତାହା ବିଶେଷଜ୍ଞଙ୍କ ଦ୍ୱାରା ଆକଳନ କରାଯିବା ଆବଶ୍ୟକ। ଧାମନଗର ବ୍ଲକର ପଧାନୀ, ଅର୍ଜୁନପୁର, ହସନାବାଦ, ନଦୀଗାଁ, ଭଟସାହି, କୋଠାର, ଧୁଷୁରୀ, ପାଳସାହି ଓ ରଇପୁର ସମେତ ବିଭିନ୍ନ ଅଞ୍ଚଳରେ ନଦୀବନ୍ଧର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ବନ୍ୟା ପରେ ମରାମତି କରିବା ପରିବର୍ତ୍ତେ ବନ୍ୟା ପୂର୍ବରୁ ଦୁର୍ବଳ ବନ୍ଧ ଗୁଡ଼ିକୁ ଚିହ୍ନଟ କରି ସୁଦୃଢ଼ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟ ସରକାର ଏହି ସମସ୍ୟାରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଆଶା ରଖିଛନ୍ତି। ନଦୀବନ୍ଧର ସମ୍ପୂର୍ଣ୍ଣ ସର୍ଭେ, ମରାମତି ବ୍ୟୟର ଯାଞ୍ଚ ଓ ଦୀର୍ଘସ୍ଥାୟୀ ସୁରକ୍ଷା ଯୋଜନା ପ୍ରସ୍ତୁତ ହେଲେ ହିଁ ଧାମନଗର ବାସୀଙ୍କ ବନ୍ୟା ଭୟ ଦୂର ହୋଇପାରିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ